### ସମଲେଇ ବିସ୍ଥାପିତଙ୍କ ସରୁନି ଦୁଃଖ

# କ୍ଷମତା ପରେ ପ୍ରତିଶ୍ରୁତି ଭୁଲିଗଲା ବିଜେପି

**ସମ୍ବଲପୁର, ୧୯।୧(ସମିସ)**

କ୍ଷମତାକୁ ଆସିଲେ ସମସ୍ତ ସମଲେଇ ବିସ୍ଥାପିତଙ୍କ ଦୁଃଖ ବୁଝାଯିବ। ପୂର୍ବ ସରକାର ଯାହା ସହାୟତା ଦେଇଛି ତାଠୁ ଅଧିକ ମିଳି। ଆମେ କ୍ଷମତାରେ ନାହିଁ ବୋଲି ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିପାରୁନୁ। କ୍ଷମତାରେ ଆସିଲେ ଜଣେ ହେଲେ ବିସ୍ଥାପିତଙ୍କ ଦୁଃଖ ରହିବନ ବୋଲି ନିର୍ବାଚନ ବେଳେ ସମ୍ବଲପୁରରେ ବିଜେପି ପ୍ରଚାର କରୁଥିଲା। କହିବାକୁ ଗଲେ ଏକ ପ୍ରକାରର ନିର୍ବାଚନୀ ମୁଦ୍ଧା କରିଥିଲା।ହେଲେ କ୍ଷମତାକୁ ଆସିବାର ୭ ମାସ ବିତିଗଲାଣି କିନ୍ତୁ, ସମଲେଇ ବିସ୍ଥାପିତଙ୍କ ସମସ୍ୟାକୁ ଥରେ ହେଲେ ଗୁରୁତ୍ୱ ଦେଇ ନଥିବା ଅଭିଯୋଗ କରିଛନ୍ତି। ପୂର୍ବ ବିଜେଡି ସରକାର ସେମାନଙ୍କୁ ଉପଯୁକ୍ତ ଥଇଥାନ କରିଥିଲା। ପରେ କିଛି ଲୋକ ଏଥିରୁ ବାଦ ପଡ଼ିଯାଇଥିଲେ। ଫଳରେ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ନିର୍ବାଚନ ପୂର୍ବରୁ ବିଜେଡି ସରକାର ଲୋକଙ୍କ ପାଖକୁ ଯାଇ କ୍ଷମତାରେ ଆସିଲେ ସମସ୍ତ ସମସ୍ୟାକୁ ସମାଧନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସୂଚନା

**ଜିତିବାର ୭ ମାସ ପରେ ମଧ୍ୟ ମିଳୁନି ସହାୟତା**

**ବିଭିନ୍ନ ମନ୍ତ୍ରୀ, ଜିଲ୍ଲାପାଳ, ବିଧାୟକଙ୍କୁ ଭେଟି ଦେଲେ ଦାବିପତ୍ର**

ଅନୁସାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ କରକମଳରେ ସମଲେଇ ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ସମଲେଇ ପ୍ରକଳ୍ପ ପାଇଁ ଘୁନଘୁଟି ପଡ଼ାବାସୀ ବିସ୍ଥାପିତ ହୋଇଥିଲେ। କାଶୀ ବିଶ୍ୱନାଥ ମନ୍ଦିର ଭଳି ସମଲେଇ ମନ୍ଦିରଙ୍କୁ ବିକାଶ କରିବା ଲାଗି ଏହି ପ୍ରକଳ୍ପର ଯୋଜନା ହୋଇଥିଲା। ଶେଷରେ ବିଜେଡି ସରକାର ଦ୍ୱାର ସଫଳ ହୋଇଥିଲା। ଘୁନଘୁଟି ପଡ଼ାବାସୀଙ୍କୁ ଏସ୍‌ଏମସି ଅନ୍ତର୍ଗତ ଦୁର୍ଗାପାଲି ନିକଟସ୍ଥ କୁସୁମପଡ଼ାରେ ଯାଗା ଦେଇ ଉପଯୁକ୍ତ ଥଇଥାନ ମଧ୍ୟ କରାଯାଇଥିଲା। ସେଠାରେ ଉପଯୁକ୍ତ କୋଲାନୀର ସୁବିଧା ମଧ୍ୟ କରାଯାଇଥିଲା। ବିଦ୍ୟୁତ୍, ପାନୀୟ ଜଳ ତଥା ପ୍ରାଥମିକ ସୁବିଧା କରାଯାଇଥିଲା। ହେଲେ କିଛି ହିତାଧିକାରୀ ସର୍ଭେ ଲିଷ୍ଟରୁ ବାଦ ପଡ଼ିଯାଇଥିଲେ। ଏଥିପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୮୦ ଦିନ ଧାରଣାରେ ବସିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବାରୁ ତତ୍କାଳିନ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ପାରିନଥିଲେ। ହେଲେ କ୍ଷମତାକୁ ଆସିଲେ ସମସ୍ତ ସୁବିଧା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ବେଳେ ବିଜେପି ଏହାକୁ ନିର୍ବାଚନୀ ମୁଦା କରିଥିଲା। ସମ୍ବଲପୁର ବିଧାୟକ ଖୋଦ ଘୁନଘୁଟି ପଡ଼ାବାସୀଙ୍କୁ କାହିଁକି ବିସ୍ଥାପିତ କରୁଛବୋଲି ପ୍ରଶ୍ନ ମଧ୍ୟ କରିଥିଲେ। ଏପରିକି ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ନିର୍ବାଚନ ପରେ ଯଦି ବିଜେପି ସରକାରରେ ଆସେ ତାହାଲେ ସମସ୍ତ ବିସ୍ଥାପିତଙ୍କୁ ସୁବିଧା ଯୋଗାଇଦେବ ବୋଲି ଡିଣ୍ଡିପ ପିଟିଥିଲା। ହେଲେ ୭ ମାସ ବିତି ଗଲାଣି ଏ ପ୍ରସଙ୍ଗ ଉପରେ କାହାର ଧ୍ୟାନ ନାହି। ଘର ନିର୍ମାଣ ପାଇଁ ସହାୟତା ଓ ସର୍ଭେ ଲିଷ୍ଟରୁ ବାଦ ପଡ଼ିଥିବା କେତେଟା ପରିବାରକୁ ସମଲେଇ ଯୋଜନାରେ ସାମିଲ କରିବାକୁ ପଡ଼ାବାସୀ ଅନେକ ଥର ବିଭିନ୍ନ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇ କଥାରେ ରହିଗଲେ ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି।

## ରାମଜୀପଡ଼ାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ



**କୁଚିଣ୍ଡା, ୧୯ ।୧(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନ୍‌ଏସିର ୱାର୍ଡ ନଂ.୦୯ ରାମଜୀପଡ଼ାରେ ରବିବାର ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପ୍ରକାଶ ମହାପାତ୍ର, ଗୋପାଳ ଦାନୀ ଓ ସୌରଭ ମହାକୁଳ ସସ୍ତ୍ରୀକ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ।ପଣ୍ଡିତ ତନୟ ମହାପାତ୍ର ହୋମଯଜ୍ଞ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକଙ୍କ କମିଟି ସଭାପତି ଯୁଧିଷ୍ଠିର ଦାନୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜମିଦାତା ପ୍ରମୋଦ ମହାକୁଳ, ଚିତ୍ତରଞ୍ଜନ ପଣ୍ଡା, ଅଗିତ ଚାଲାନ, ଶ୍ରୀକାନ୍ତ ଦ୍ୱିବେଦୀ, ନନ୍ଦକିଶୋର ପାଣିଗ୍ରାହୀ, ରାମଚରଣ ବେହେରା, ପିଙ୍କୁ ଜେନା, ଶୁଶିଳ ନାୟକ, ମୂରଲି ବେହେରା, ନନ୍ଦକିଶୋର ପଣ୍ଡା, ହରିଶଙ୍କର ନାୟକ, ଡମ୍ବରୁଧର ସାହୁ, ବିକି ସା, ହରିଶଙ୍କର ସା ପ୍ରମୁଖ ସହଯୋଗ କରିଥିଲେ। ନାମ କିର୍ତ୍ତନ ଧ୍ୱନୀରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## କମଲି ବଜାର ପିଣ୍ଡିରେ ଆରମ୍ଭ ହେଲା ବ୍ୟବସାୟ



**ସମ୍ବଲପୁର, ୧୯।୧(ସମିସ):** ସମଲେଇ ପ୍ରକଳ୍ପ ଅଧୀନ କମଲି ବଜାରର ପିଣ୍ଡିରେ ରବିବାର ଠାରୁ ବ୍ୟବସାୟ ଆରମ୍ଭ ହୋଇଛି। ଆନୁଷ୍ଠାନିକ ଭାବେ ସମ୍ବଲପୁର ବିଧାୟକ ଜୟନାରୟଣ ମିଶ୍ର ଉଦ୍‌ଘାଟନ କରିଛନ୍ତି।ସମଲେଇ ପ୍ରକଳ୍ପରେ ଏହାକୁ ରାଜମହଲ ଭଳି ତିଆରି କରାଯାଇଛି। ଆଜି ପ୍ରାୟ ୧୬୮ଟି ପିଣ୍ଡିରେ ଦୋକାନୀମାନେ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି। ସମଲେଇ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବାରୁ ସମସ୍ତ ଦୋକାନୀ ରାସ୍ତାରେ ବସି ବିକ୍ରି କରୁଥିଲେ। କାଶୀ ବିଶ୍ୱନାଥ କରିଡ଼ର ଶୈଳୀରେ ସମଲେଶ୍ୱର ମନ୍ଦିପ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିଜେଡି ସରକାର କରିଥିଲା। ଏଥିପାଇଁ ସମଲେଇ ମନ୍ଦିର ସମ୍ପ୍ରସାରଣ ସହିତ ଭବ୍ୟ ମାର୍କେଟ ପିଣ୍ଡିର ନିର୍ମାଣ କରାଗଲା। ସମ୍ବଲପୁରୀ ହସ୍ତତନ୍ତର ପ୍ରଚାର ପ୍ରସାର ଲାଗି ବସ୍ତ୍ରାଳୟ ଲାଗି ସ୍ୱତନ୍ତ୍ର ସୋରୁମ ସହ ବିଭିନ୍ନ ଦୋକାନ ପାଇଁ ପିଣ୍ଡି ନିର୍ମାଣ ହୋଇଛି। ମା'ଙ୍କୁ ଦର୍ଶନ କରି ଆସୁଥିବା ଭକ୍ତ ଏଠାରୁ କିଛି କିଣିବା ନେଇ ପାରିବେ। ପର୍ଯ୍ୟଟକଙ୍କ ଜରିଆରେ ସମ୍ବଲପୁର ବ୍ୟବସାୟ ବୃଦ୍ଧି ଦିଗରେ ପୂର୍ବତନ ସରକାର ଏ ପଦକ୍ଷେପ ଗ୍ରହଣ କରିଥିଲେ। କାମ ଶେଷ ହୋଇଥିବା ପରେ ମଧ୍ୟ ନୂତନ ସରକାର ଏହାକୁ ଉଦ୍‌ଘାଟନ କରିବାରେ ବିଳମ୍ବ କରୁଥିଲେ। ଶେଷରେ ରବିବାର ଏହାର ଉଦ୍‌ଘାଟନ ହୋଇଛି। ବିଧାୟକଙ୍କ ସହ ଏସ୍‌ଏମସି କମିଶନର, ଆସିଷ୍ଟାଣ୍ଟ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକ ସମ୍ମିଳନୀ



**ନାକଟିଦେଉଳ, ୧୯ ।୧(ସମିସ):** ନାକଟିଦେଉଳ ବ୍ଲକସ୍ଥିତ ସରସ୍ୱତୀ ଇଣ୍ଟରନ୍ୟାସନାଲ ସ୍କୁଲର ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକ ସମ୍ମିଳନୀ ନାକଟିଦେଉଳ ନିକଟସ୍ଥ ଚମ୍ପାଳି ନଦୀ ତଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତୁଳସୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଶିକ୍ଷୟିତ୍ରୀ ଏସ୍ ମାନୁ ଥାପା, ଲତିକା ମଞ୍ଜରୀ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ସହ ବିଦ୍ୟାଳୟର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ୩୦ଜଣ ଛାତ୍ର ଛାତ୍ରୀଙ୍କ ସମେତ ୭୦ ଜଣ ଅଭିଭାବକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ବଣଭୋଜି ମଧ୍ୟ ଆୟୋଜନ ହୋଇଥିଲା।

## ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ସମ୍ବଲପୁର, ୧୯।୧(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର କବି ବ୍ରଜମୋହନ ପଣ୍ଡା ପ୍ରେକ୍ଷାଳୟରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ପଞ୍ଚ ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବିଭାଗ ମୁଖ୍ୟ ଡକ୍ଟର ନାକୁ ହାଁସଦାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ କୁଳସଚିବ ଡକ୍ଟର ନୃପରାଜ ସାହୁ। ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଷୟ ବିଶେଷଜ୍ଞ ଭାବରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ଓ ସମାଲୋଚକ ଡକ୍ଟର ନଟବର ଶତପଥୀ, ପ୍ରଫେସର ନାରାୟଣ ସାହୁ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ସମର ମୁଦାଲି, ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଡକ୍ଟର ନାକୁ ହାଁସଦାଃ, ଡକ୍ଟର ଗୋପୀନାଥ ବାଗ, ଡକ୍ଟର ଶୁକମୁନି ମେହେର, ଡକ୍ଟର ଶ୍ୟାମ ଭୋଇ ଯୋଗଦେଇ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟମାନଙ୍କରୁ ଅଧ୍ୟାପକ ସୁରେଶ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସିମରନ ମହାପାତ୍ର, ପଦ୍ମାଳୟା ବରିହା, ସୁରେରୀ ପାଣ୍ଡେ, କଲ୍ୟାଣୀ ମେହେର, ଭବାନୀ ପୋଢ, ସନ୍ଧ୍ୟାରାଣୀ ସାହୁ, ମଧୁମିତା କର୍ଣ୍ଣା, ଚିନ୍ମୟୀ ବାବୁ, ସୁଶ୍ରୀୟା ନାଏକ, ଚୁମକି ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

## କଟଙ୍ଗପାଣି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ଜମନକିରା, ୧୯ ।୧(ସମିସ)** ଜମନକିରା ବ୍ଲକ କଟଙ୍ଗପାଣି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ରାଜ କିଶୋର ପ୍ରସାଦ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଆମ ଲେଖା ଆମେ ହିଁ କରିବା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଛାତ୍ରିଛାତ୍ରମାନେ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ। ଦିଲୀପ ତିର୍କୀ, ପ୍ରବୋଧ ତିର୍କୀ, ଶେଷ କିଷାନ ଭଳି ବ୍ୟକ୍ତି ବିଶେଷ ଆଜି ଆମ ଭାରତ ବର୍ଷକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରି ଲକ୍ଷ ସ୍ଥିର କଲେ ହିଁ ସର୍ବଶ୍ରେଷ୍ଠ ହୋଇ ପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମଞ୍ଚ ପରିଚାଳନା ସ୍କୁଲର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ଦେହୁରୀ କରିଥିବା ବେଳେ ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ ବାର୍ଷିକୀ ବିବରଣୀ ପଠନ କରିଥିଲେ।ସମ୍ମାନିତ ଅତିଥି ଭାବେ ତହସିଲଦାର ହରେକୃଷ୍ଣ ବରିହା, ପରିଚାଳନା କମିଟି ସଦସ୍ୟ ମନୋଜ କୁମାର ମାଝୀ, ସରପଞ୍ଚ ଡୁଲେଶ୍ୱରୀ ମାଝୀ ଏବଂ ସମିତିସଭ୍ୟ ସନାତନ ବାଘ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।ବିଦ୍ୟାଳୟ ହେଉଛି ଏକ ଜ୍ଞାନର ମନ୍ଦିର। ଶିକ୍ଷା ଗ୍ରହଣ କରି ସମାଜରେ ଲଗେଇଲେ ହିଁ ସଠିକ୍ ରାଷ୍ଟ୍ର ଗଠନ ହୋଇ ପାରିବ ବୋଲି ଅତିଥିଗଣ ତାଙ୍କ ବକ୍ତବ୍ୟ ମାଧ୍ୟମରେ ବୁଝାଇଥିଲେ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା'ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ଭାଷଣ ପରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ସୁମିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ସହକାରୀ ଶିକ୍ଷକ ଯୁବରାଜ ପଧାନ, ଶିକ୍ଷୟିତ୍ରୀ ଶକୁନ୍ତଳା ବାଘ ପରିଚାଳନାରେ ସହଯୋଗ କରିଥିବା ବେଳେ ନେତ୍ରାମଣି କିସାନ୍, ରାଜେନ୍ଦ୍ର ଘଟୁଆଲ, ସୁକେଶିନି ପଧାନ, ଝରଣା ପଧାନ ଏବଂ ଅଞ୍ଜନା ନାଏକ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ସମ୍ବଲପୁର, ୧୯।୧(ସମିସ):**ସମ୍ବଲପୁର ସହରରେ ପୃଥକ ପୃଥକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି ।ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଛକରେ ଟ୍ରକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି ।ରବିବାର ସନ୍ଧ୍ୟାରେ ଖିଣ୍ଡା ଗ୍ରାମର ଶୁଭେନ୍ଦୁ ପ୍ରଧାନ ବାଇକ୍‌ରେ ରାସ୍ତା ଅତିକ୍ରମ କରିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସଦର ପୁଲିସ ପହଞ୍ଚି ଟ୍ରକ୍ ଚାଳକକୁ ଗରିଫ କରିବା ସହ ଗାଡି ଜବତ କରିଛି । ଶବବେବ୍ୟଚ୍ଛଦ ପରେ ମୃତ ଦେହ ହସ୍ତାନ୍ତର କରାଯିବ ।

## ଜଳଖିଆ ଦୋକାନରେ ପଶିଲା କାର୍

**ହୀରାକୁଦ, ୧୯।୧(ସମିସ):**ହୀରାକୁଦ ସନ୍ତୋଷୀ ମା'ମନ୍ଦିର ଛକ ଠାରେ ଥିବା ଏକ ଜଳଖିଆ ଦୋକାନ ଭିତରକୁ କାର୍ ଭାରସାମ୍ୟ ହରାଇ ପଶିଯାଇଥିଲା । ଏଥିରେ ଦୋକାନ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମାଲିକଙ୍କ ଗୋଡ଼ରେ ଆଘାତ ଲାଗିଛି ସେ ହୀରାକୁଦ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗାଡିଟିର ସମ୍ମୁଖ ଭାଗ ଚୁର୍‌ମାର ହୋଇଯାଇଛି । ସେହିପରି ହୀରାକୁଦ ଥାନା ନିକଟସ୍ଥ ବନ୍ଧ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଜଣେ ଗୁରୁତର ଆହତ ହୋଇଛନ୍ତି । ପୁଲିସ୍ ଗୁରୁତର ଆହତକୁ ପୁଲିସ୍ ଗାଡିରେ ହୀରାକୁଦ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ।

## ଜେଏସ୍‌ଡବ୍ଲ୍ୟୁରେ ପୂର୍ବ ଜୋନ୍ କ୍ରୀଡା ଚାମ୍ପିଅନସିପ୍



**ସମ୍ବଲପୁର, ୧୯।୧(ସମିସ):** ଜେଏସଡବ୍ଲ୍ୟୁ ବିପିଏସଏଲ୍ ରାୟଗଡ଼୍/ ଜେଏସଡବ୍ଲ୍ୟୁ ପାରାଦୀପର ଅଧ୍ୟକ୍ଷ ଅନିଲ କୁମାର ସିଂହଙ୍କ ଦ୍ୱାରା ପୂର୍ବ ଜୋନ୍ କ୍ରୀଡା ଚାମ୍ପିଅନସିପ୍ ଉଦଘାଟିତ ହୋଇଛି। ସମ୍ବଲପୁର, ରାୟଗଡ଼୍, କୋଲକାତା, ଭୁବନେଶ୍ୱର, ବଡବିଲ, ସୁନ୍ଦରଗଡ଼୍, ଯାଜପୁର ଇତ୍ୟାଦି ଆଠଟି ଭିନ୍ନ ଭିନ୍ନ ସ୍ଥାନରୁ ପ୍ରାୟ ୩୦୦ ଖେଳାଳି ଏହି ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ରଙ୍ଗାରଙ୍ଗ ଉଦଘାଟନୀ ଉତ୍ସବ ଏବଂ ଖେଳାଳିମାନଙ୍କ ଦ୍ୱାରା ହୋଇଥିବା ମାର୍ଚ୍ଚ ପାଷ୍ଟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଉମେଶ ରାୟ ସିଓଓ, ଗିରିଶ ନାଏକ କମର୍ସିଆଲ ମୁଖ୍ୟ, ବିକାଶ ଜୈନ ଉପାଧ୍ୟକ୍ଷ, ଜେ ପି ସିଂହ, ସଞ୍ଜୟ କୁମାର, ପ୍ରକାଶ ଜି, ଜିତେନ୍ଦ୍ର ସିଂହ ପରିହାର ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ୧୦୦ ମିଟର ମିକ୍ସଡ୍ ରିଲେ, ବ୍ୟାଡମିଣ୍ଟନ, କ୍ରିକେଟ୍ ଇତ୍ୟାଦି ଖେଳ ଆରମ୍ଭ ହୋଇଛି ।କାର୍ଯ୍ୟକ୍ରମ ଆଡମିନିଷ୍ଟ୍ରେସନ ଭିପି ମନୋଜ କୁମାର ସିଂହଙ୍କ ନେତୃତ୍ୱରେ କ୍ରୀଡ଼ା କମିଟି ଦ୍ୱାରା ଆୟୋଜିତ ହୋଇଛି।

# ହୀରାକୁଦରେ ୧୨୨ ପ୍ରଜାତିର ବିଦେଶୀ ପକ୍ଷୀ

**ସମ୍ବଲପୁର, ୧୯।୧(ସମିସ)**

ହୀରାକୁଦ ଜଳ ଭଣ୍ଡାରରେ ବିଦେଶୀପକ୍ଷୀଙ୍କ ଗଣନା ଶେଷ ହୋଇଛି। ଚଳିତ ବର୍ଷ ୧୨୨ ପ୍ରଜାତିର ୩ଲକ୍ଷ ୭୭ ହଜାର ୭୨୩ଟି ବିଦେଶୀପକ୍ଷୀ ହୀରାକୁଦ ଜଳ ଭଣ୍ଡାରକୁ ଆସିଥିବା ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।ବିଶେଷ ଭାବରେ ଜଳ ଭଣ୍ଡାରରେ ୟୁରେସିଆର ପକ୍ଷୀ ରୁଫ ଦେଖିବାକୁ ମିଳିଛି। ଏଥର ନୂତନ ଭାବେ ରୁଫ ପକ୍ଷୀଙ୍କ ସମାଗମ

**ଏଥର ୩ଲକ୍ଷ ୭୭ ହଜାର, ବିଶେଷ ଆକର୍ଷଣ ୟୁରେସିଆର୍ ରୁଫ୍**

**ପକ୍ଷୀ ଗଣନାରେ ସାମିଲ ୭୦ ବିଶେଷଜ୍ଞ**

ରହିଛି। ପକ୍ଷୀ ଗଣିବା ପାଇଁ ୩୨ଟି ଡଙ୍ଗାରେ ୭୦ ଜଣ ପକ୍ଷୀ ବିଶେଷଜ୍ଞ ରହିଥିଲେ। ସେମାନଙ୍କୁ ସହଯୋଗ କରିବା ପାଇଁ ୨୦ ଜଣ ସହଯୋଗୀ ସାମିଲ ଥିଲେ। ଶନିବାର ସକାଳ ୫ଟାରୁ ଏହି ଗଣନା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଜଳ ଭଣ୍ଡାରର ପ୍ରାୟ ୫୫୦ ବର୍ଗ କିଲୋମିଟରରେ ପକ୍ଷୀ ଗଣନା ଜାରି ରହିଥିଲା। ଶୀତ ଆସିଲେ ହୀରାକୁଦ ଜଳଭଣ୍ଡାରକୁ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ଶୁଅ ଛୁଟିଥାଏ। ଚଳିତ ବର୍ଷ ମଧ୍ୟ ଜଳଭଣ୍ଡାରରେ ୟୁରୋପ ଆମେରିକ ଓ ଅନ୍ୟ ଦେଶରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। ଚାରି ପ୍ରକାରର ଟର୍ନସ୍, ବାର୍ ହେଡ୍ ଗୋସ୍, ଟୁଫଟେଡ୍ ଡକ୍, ବିଭିନ୍ନ ପୋଚାର୍ଡ, ହ୍ୱିସିଲ୍ ଡକ୍, ସ୍ୟାଣ୍ଡପାଇପର, ଉତ୍ତର ପିଣ୍ଟେଲ୍ ଇତ୍ୟାଦି ପକ୍ଷୀ ଦେଖିବାକୁ ମିଳିଛି। ବିଦେଶୀ ପକ୍ଷୀଙ୍କ ସମାଗମ କାରଣ ହେଉଛି ସୁହାଉଥିବା ଏଠାକାର ଜଳବାୟୁ, ପ୍ରଚୁର ପରିମାଣର ଖାଦ୍ୟ ଉପଲବ୍ଧତା, ତାପମାତ୍ରା। ଏଭଳି ପରିବେଶ ଏମାନଙ୍କୁ ଅଣ୍ଡାଦାନ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଏମାନେ ଏଠାକୁ ଆସନ୍ତି ବୋଲି ପକ୍ଷୀ ବିଶେଷଜ୍ଞମାନେ କୁହନ୍ତି। ଗତ ବର୍ଷ (୨୦୨୪)ରେ ୧୧୨ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୩୯ ପକ୍ଷୀଙ୍କ ଶୁଅ ଛୁଟିଥିଲା।ସେହିପରି ୨୦୨୦ ମସିହାରେ ୯୩ ପ୍ରଜାତିର ୯୭ହଜାର ୮୯୯ ପକ୍ଷୀ ଆସିଥିବା ବେଳେ ୨୦୨୧ ମସିହାରେ ୯୮ ପ୍ରଜାତିର ୧ ଲକ୍ଷ ୨୪ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ଆଉ ଗତବର୍ଷ ଉଭୟ ପ୍ରଜାତି ଏବଂ ସଂଖ୍ୟା ବି ବଢ଼ିଥିଲା। ୨୦୨୩ରେ ୧୦୮ ପ୍ରଜାତିର ମୋଟ୍ ୩ ଲକ୍ଷ ୧୬ ହଜାର ଟପିଥିଲା।





ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁଲାମଣି ପଣ୍ଡା
ଆବିର୍ଭାବ - ୨୦/୧୨/୧୯୩୯
ତିରୋଧାନ - ୧୦/୦୧/୨୦୨୫
ପଣ୍ଡାଳମ, ବାଙ୍କୀ, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅ - ଦିଲ୍ଲୀପ, ବୋହୂ- କାଦମ୍ବିନୀ, ନାତି- ଚଗଲା, ନାତୁଣୀ - ଲାଲି, ଝିଅ - ସୌଦାମିନୀ, ବିଜାସ, ଲତା, ନମିତା, ଜ୍ୱାଇଁ - ଦେବରାଜ ଓ ବୈକୁଣ୍ଠ ଆତ୍ମୀୟ ପରିବାରର ବର୍ଗ ସମେତ

# ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

## ୪୧ୟୁନିଟ୍ ରକ୍ତ ସଂଗୃହୀତ



**ବରଗଡ଼, ୧୯।୧(ସମିସ):** ବରଗଡ଼ ବ୍ଲକ ତୋରା ଗ୍ରାମ ପଞ୍ଚାୟତ ଅଧୀନ ସୂତାମିଲ ଛକ ମା' କାଳୀମନ୍ଦିର ପରିସରରେ ମନ୍ଦିର କମିଟି ଓ ଜଗନ୍ନାଥ ସେବା ସମିତି ତରଫରୁ ନିଷ୍ଠା ପରିବାରର ରେଡ୍‌ଡ୍ରପ ମାରାଥନର ଉଣେଇଶ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବଳରାମ ପ୍ରଧାନ, ସୌଭାଗ୍ୟ ରଞ୍ଜନ ନାୟକ ଅତିଥି ଭାବରେ ଯୋଗଦେଇ ଫିତାକାଟି ଶିବିରର ଶୁଭାରମ୍ଭ କରିଥିଲେ। ମୋହନ ରାଉତ, ମନୋଜ ମେହେର, ମୋହନ ଲୁହା, ରାଜୁ ଭୋଲ, ଲକ୍ଷ୍ମୀଧର ନାୟକ, ସନ୍ତୋଷ ଭାରତୀ, ଅଜୟ ଲେଙ୍କା, ପବିତ୍ର ମୁଦଲି ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହାଯୋଗରେ ରକ୍ତଦାନ ଶିବିର ସଫଳ ହୋଇଥିଲା। ଏହି ଶିବିରରୁ ସର୍ବମୋଟ ୪୧ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା।

# ବିଶ୍ୱାମିତ୍ରା ଗୋଶାଳା ସମାଜ ପାଇଁ ଏକ ଆଶୀର୍ବାଦ

**ଗୁଢେରପାଲି, ୧୯।୧(ସମିସ):** ଗାଇସିଲେଟ ବ୍ଲକ ଅଧୀନ ଚାଣ୍ଟିପାଲି ପଞ୍ଚାୟତର ଭୁଦୁବାହାଲସ୍ଥିତ ପୂଜ୍ୟ ସଦ୍ ଗୁରୁଦେବ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱାମିତ୍ରା ଗୋଶାଳାରେ ଏହାର ସାଧାରଣ ସଭା ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋତିଲାଲ ଅଗ୍ରୱାଲ ଯୋଗଦେଇଥିବା ବେଳେ, ଅଧ୍ୟାପକ ଧନପତି ଦେବତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ଗାଇସିଲେଟ, ବିଜେପୁର, ପଦ୍ମପୁର ଏବଂ ବଲାଙ୍ଗିର ଜିଲ୍ଲାର ଡୁଡୁକା ବ୍ଲକର ବହୁ ଭକ୍ତ ଓ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁଦାମ ଡନସନା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଶ୍ୱାଲିକା ଗୋଶାଳା ସମାଜ ପାଇଁ ଏକ ଆଶୀର୍ବାଦ, ଶିକ୍ଷା, ସ୍ୱାସ୍ଥ୍ୟ, ସେବାଶ୍ରମ ଏବଂ ସାଧନା ଦିଗରେ ଉକ୍ତ ଗୋଶାଳା ଓ ଆଶ୍ରମ କାର୍ଯ୍ୟରତ। ଗୋଶାଳାକୁ କିଭଳି ଏକ ଆଦର୍ଶ ଗୋଶାଳାରେ ପରିଣତ କରାଯାଇପାରିବ ସେଥିପ୍ରତି ସମସ୍ତେ ଦୃଷ୍ଟିଗୋଚର କରିଥିଲେ। ସଦାନନ୍ଦ ଡନସନା ସ୍ୱାଗତ ଭାଷଣ ଦେଇଥିବାବେଳେ ସଞ୍ଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବର୍ତ୍ତମାନ ଏହି ଆଶ୍ରମରେ ଗୋମାତାଙ୍କ ସେବା ଚାଲୁଅଛି। ଭବିଷ୍ୟତରେ ଏଠାରେ ଗୁରୁକୁଳର ସ୍ଥାପନ ହେବ ବୋଲି ବର୍ତ୍ତମାନର ଗୋଶାଳା ପରିଚାଳକ ସୁଦାମ ଡନସନା ମତବ୍ୟକ୍ତ କରିଛନ୍ତି।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ




**ମାଣ୍ଡୋସିଲ, ୧୯।୧ (ସମିସ):** ପାଇକମାଲ ବ୍ଲକ ଭୂତମୁଣ୍ଡା ଡ୍ୟାମ ପରିସରରେ ମାଣ୍ଡୋସିଲ ହାଇସ୍କୁଲ ୨୦୦୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୂପେନ୍ଦ୍ର ପ୍ରସାଦ ପୁଟାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ପୁରନ୍ଦର ସାହୁ, ସଜୟ ହଂସ, ବିଜୟ ସାହୁ, ବନମାଳୀ ମିର୍ଦ୍ଧା, ମିତ୍ରଭାନୁ ବାଗ, ମଲ୍ଲୀପୁଡି ଦୟଦୁର୍ଗା ମହେଶ, ସଞ୍ଜୟ ଡନସନା, ପୂର୍ଣ୍ଣଚନ୍ଦ୍ର ଡନସନା, ଅଶ୍ୱିନୀ ନାୟକ, ଚକ୍ରଧର ମାଝୀ, ସୁଶାନ୍ତ ସାହୁ, ସୁରେନ୍ଦ୍ର ପାଣ୍ଡେ, ରବୀନ୍ଦ୍ର ପ୍ରଧାନ, ତୁଳସିରାମ ଏଣ୍ଡେଜା, ଗୋବିନ୍ଦ ରଣା, ରୋହିତ ସରିଆ, ଦିଲ୍ଲୀପ ପଟେଲ, ଜିତେନ୍ଦ୍ର ପଟେଲ, ସୁରେଶ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳ, ଟିକେଶ୍ୱର ସାହୁ, ମଧୁ ବନଛୋର, ଘନଶ୍ୟାମ ସାହୁ, ଥବିର ପଟେଲ, ସୁବାଷ ମାଝୀ, ଲୋଚନ ମାଝୀ, ଦ୍ୱାରିକା ମାଝୀ, ହେମନ୍ତ ପଟେଲ ଓ ସୁବାଷ ଶ୍ରୀଧର ଅଂଶଗ୍ରହଣ କରିଥିଲେ। ଶେଷରେ ବନମାଳୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

## ବୀରସୁରେନ୍ଦ୍ର ସାଏ ସ୍ମାରକୀପୀଠରେ ଯୁବ ସମ୍ମେଳନ

# 'ଶକ୍ତି ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ'

**ଅମ୍ବାଭୋନା, ୧୯।୧(ସମିସ)**



ଅମ୍ବାଭୋନା ବ୍ଲକ ଅଧୀନ କର୍ଲା ଗ୍ରାମ ନିକଟବର୍ତ୍ତୀ ବୀର ସୁରେନ୍ଦ୍ର ସାଏ ସ୍ମାରକୀପୀଠରେ ଜାତୀୟ ଯୁବସପ୍ତାହ ପାଳନ ଅବସରରେ ଯୁବ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଓ ବେଲପାହାଡ଼ ବିବେକାନନ୍ଦ ଯୁବ ମହାମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ସମ୍ମେଳନର ପ୍ରାରମ୍ଭରେ ଯୋଗଦେଇ ଅତାବିରା ମହାମଣ୍ଡଳର ବରିଷ୍ଠ ସଦସ୍ୟ ଦୁଃଖୀଶ୍ୟାମ ସାହୁ ପତାକା ଉତ୍ତୋଳନ ପୂର୍ବକ ଶୁଭ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଏବଂ ମାତା ସାରଦା ଦେବୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଜାମସେଦପୁରସ୍ଥିତ ରାମକୃଷ୍ଣ ମିଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅପୂର୍ବା ଦାଶ ଓ ଓଡ଼ିଶା ରାଜ୍ୟ ଶାଖାର ଯୁଗ୍ମ ସମ୍ପାଦକ ଅଲେଖ ଚନ୍ଦ୍ର ସାମଲ ଅତିଥି ଭାବରେ ଯୋଗଦେଇ 'ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ଯୁବ ଶକ୍ତି'ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଭବିଷ୍ୟତରେ ଛାତ୍ରଛାତ୍ରୀ ଦେଶ ସେବାରେ ବ୍ରତୀ ହୋଇ କିପରି କାର୍ଯ୍ୟ କରିବେ ସେଥିପାଇଁ ପ୍ରେରଣା ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରାଧ୍ୟାପକ ସପ୍ତର୍ଷି ମଣ୍ଡଳ ଓ ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ କୋଲକାତାର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ରଣଜିତ କିଶୋର ମହାନ୍ତି ଯୋଗଦେଇ 'ସ୍ୱାମୀ ବିବେକାନନ୍ଦ ଓ ମହାମଣ୍ଡଳ ବିଚାରଧାରା' ଉପରେ ଆଲୋକପାତ କରିଥିଲେ। ତୃତୀୟ ଅଧିବେଶନରେ ଅତାବିରା ମହାମଣ୍ଡଳର ସଦସ୍ୟ ଦେବରାଜ ପାଣିଗ୍ରାହୀ ଓ ବେଲପାହାଡ଼ର ସଦସ୍ୟ ଚିନ୍ତାମଣି ପଶାୟତ 'ଜୀବନ ଗଠନ' ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅମ୍ବାଭୋନା ଏବିଇଓ ମୋହନ ଚରଣ ମହାନ୍ତ ଓ ଏବଂ ପରିବେଶବିତ୍ ସଞ୍ଜୟ ଖମାରୀ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ପରିବେଶ ସଂରକ୍ଷଣ ପ୍ରତି ଧ୍ୟାନ ଦେଇ ଜୀବନର ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଶୋଭାରାମ ସାହୁ ଓ ଗୋପାଳ କୃଷ୍ଣ ଭୋଇ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅତାବିରା ଶାଖାର ସଦସ୍ୟ ସୁଶାନ୍ତ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ହୋତା, ଶ୍ରୀକାନ୍ତ ପଣ୍ଡା, ବାଳମୁକୁନ୍ଦ ସାହୁ, ସୁଶୀଳ ବାଗ, ସ୍ୱରୂପ ସାହୁ, ଆନନ୍ଦ ବିଶ୍ୱାଳ, ମୁକେଶ ପଧାନ, କର୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମଚନ୍ଦ୍ର ସାହୁ, ଶିକ୍ଷକ ତପେଶ୍ୱର ପଧାନ, ସିଆରସିସି କେଦାର ନାଏକଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ସମସ୍ତ ଅତିଥିବୃନ୍ଦ 'ଶକ୍ତି ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ' ଉକ୍ତିକୁ ପାଥେୟ କରି ଜୀବନର ମୂଲ୍ୟବୋଧ ଉପଲବ୍ଧି କରିବା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଥିଲେ। ଯୁବ ସମ୍ମେଳନର ସ୍ମୃତି ଉଦ୍ଦେଶ୍ୟରେ ବୀର ସୁରେନ୍ଦ୍ର ସ୍ମାରକୀ ପୀଠ ପରିସରରେ ପରିବେଶବିତ୍ ସଞ୍ଜୟ ଖମାରୀଙ୍କ ପ୍ରଦତ୍ତ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ

**ପଦ୍ମପୁର/ମେଲଛାମୁଣ୍ଡା, ୧୯।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଟାଲ ଗ୍ରାମରେ କଳସ ଯାତ୍ରା ସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆୟୋଜିତ ହୋଇଯାଇଛି। କଳସଯାତ୍ରାରେ ବଡ଼ପୋଖରୀରୁ ଗାଁ ପରିକ୍ରମାକରି ଶତାଧିକ ମହିଳା ଓ ପୁରୁଷ କଳସ ଧରି ପୂଜା ମଣ୍ଡପକୁ ଆଣିଥିଲେ। କଳସ ଯାତ୍ରାରେ ଓଡ଼ିଶା ତଥା ରାଜ୍ୟ ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ତଥା ଘଣ୍ଟବାଦ୍ୟ, କଲଙ୍ଗୀନାଚ, ଝୁମର, କିର୍ତ୍ତନଦଳ, ଜାମପାଲିର ପ୍ରସିଦ୍ଧ ଗଣ୍ଡାବଜା, ସମ୍ପ୍ରଦାଦଳ ଓ ଘୁଡୁକାନାଚ ଦଳ ଯୋଗଦେଇଥିଲେ। ରବିବାର ଠାରୁ ଦୁଇଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ। ମୁଖ୍ୟପଣ୍ଡିତ ଅଚ୍ୟୁତାନନ୍ଦ ହୋତା, ଅମୃତଲାଲ ହୋତା, ବିଜୟ ହୋତା, ଦାଶରଥି ହୋତା ଓ ଶଚିପତି ହୋତାଙ୍କ ପୂଜାପାଠରେ ମୁଖ୍ୟକର୍ତ୍ତା ଗାଁର ଗୌନ୍ତିଆ ବଳଦେବ ସାହୁ ପତ୍ନୀ ଝୁମି ସାହୁ, ଜୟକୁମାର ସାହୁ ପତ୍ନୀ ପ୍ରେମଶିଳା ସାହୁ, କିଶୋର ପଧାନ ପତ୍ନୀ ପୂର୍ଣ୍ଣିମା ପଧାନ, କୁମୁଦ ଦାଶ ପତ୍ନୀ ସୁଜାତା ଦାଶ, ଅରବିନ୍ଦ ପଣ୍ଡା ପତ୍ନୀ ଲିଷ୍ଟାମୟୀ ଖମାରୀ, କିର୍ତ୍ତିବାସ ସ୍ୱାଇଁ ପତ୍ନୀ ଆରତୀ ସ୍ୱାଇଁ, ଉମେଶ ବଡେଇ ପତ୍ନୀ ଅନୁସୟା ବଡେଇ ଓ ରୋଶନ ସାହୁ ପତ୍ନୀ ଶ୍ୱେତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇବେ। ଅଷ୍ଟପ୍ରହରୀ ନାମଯଜ୍ଞରେ ରୋଶନ ସାହୁ ପତ୍ନୀ ଶ୍ୱେତାସାହୁ କର୍ତ୍ତା ଦାୟିତ୍ୱ ତୁଲାଇବେ। ଅଷ୍ଟପ୍ରହରୀ ନାମଯଜ୍ଞରେ ଅଞ୍ଚଳର ସମସ୍ତ କିର୍ତ୍ତନ ଦଳ ସହ ବରିକେଲ, ପହଣ୍ଡି, ଗୁଡେଶିରା ଓ ରେଙ୍ଗାଲି କିର୍ତ୍ତନ ଦଳ ଯୋଗଦେବେ। ଏହି ଅବସରରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ ଯୋଗଦେଇଥିଲେ। ପୂଜାକମିଟିର ସମ୍ପାଦକ ଧିରେନ ବିଶ୍ୱାଳ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, ଆସନ୍ତା ୨୦ ତାରିଖରୁ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ କଂସ ଅଭିନୟ କରୁଥିବା ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅଭିନୟ କରିବେ ଏବଂ ରାବଣ ଦରବାରରେ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସାଂସ୍କୃତିକ ଦଳ, ଓଡ଼ିଶାର ପସିଦ୍ଧ ହାସ୍ୟଅଭିନେତା ଯୋଗେଶ ଯୋଯୋ ଆଣ୍ଡ ଗ୍ରୁପ, ଟିଙ୍କୁ ଟିଙ୍ଗାଲୁ ଆଣ୍ଡଗ୍ରୁପ ଯୋଗଦେବା ସହ ଉମା ଆଣ୍ଡ ଗ୍ରୁପ ଆର୍କେଷ୍ଟ୍ରା, ମା' ସାରଳା ଦଣ୍ଡ ନୃତ୍ୟ ଟାଲର, ଗଞ୍ଜାମର ଶ୍ରୀଜଗନ୍ନାଥ ଅପେରା ପ୍ରତ୍ୟହ ଦିନ ପାରାୟଣ, କିର୍ତ୍ତନଧାରା, କିର୍ତ୍ତନ ବୈଠକି ଓ କୃଷ୍ଣ ଗୁରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଗାଁର ପୂଜାକମିଟି, ଶାନ୍ତି କମିଟି, ଗ୍ରାମ୍ୟ କମିଟି ଓ ଯୁବସମାଜ ସହଯୋଗ କରିଥିଲେ।



# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

## ଜମଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ପଦ୍ମପୁର, ୧୯।୧(ସମିସ):** ରାଜବୋଡ଼ାସମ୍ବର ବ୍ଲକ ଜମଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିରଜା ପ୍ରସାଦ ଦଳପତି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଆବଶ୍ୟକତା ଓ ଉପଯୋଗିତା ଉପରେ ଦିଗଦର୍ଶନ ଦେଇଥିଲେ। ମାଷ୍ଟର ଟ୍ରେନର ବେବି ଭୋଇ ଛାତ୍ରୀଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ପ୍ରଶିକ୍ଷଣ ଦେଇଥିଲେ। ସଂସ୍କୃତ ଅଧ୍ୟାପକ ରମେଶ ସାହୁ ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ଚୈତନ୍ୟ କୁମ୍ଭାର ଯୋଗଦେଇ ଆତ୍ମସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସମସ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।




## ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ

**ବରଗଡ଼:** ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ବରଗଡ଼ରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତୁଲ୍ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଝିଅ ମାନଙ୍କପାଇଁ ଆଜିର ସମୟରେ ଆତ୍ମସୁରକ୍ଷା ପାଇଁ ମନୋବଳ ତଥା ସଚେତନତା କେତେ ଜରୁରୀ ଏହି ପ୍ରସଙ୍ଗରେ ସେ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ସାଗରିକା ବିଷୋୟୀ ଓ ଅଞ୍ଜନା ରାୟ ଚୌଧୁରୀଙ୍କ ନେତୃତ୍ୱରେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ୪୪୦ ଛାତ୍ରୀ ନାମ ପଞ୍ଜୀକରଣ କରିଥିଲେ। ପ୍ରତିଦିନ ସକାଳ ୮ଟାରେ ଅନୁଷ୍ଠିତ ହେଉଥିବା ତାଲିମ ଶିବିରର ମୁଖ୍ୟପ୍ରଶିକ୍ଷିକା ଭାବରେ ମାଷ୍ଟର ଟ୍ରେନର ଝରଣା ଦୁଆନ, ପ୍ରିୟମ୍ବଦା ତ୍ରିପାଠୀ ଓ ଜ୍ୟୋତ୍ସ୍ନା ସାହୁ ଯୋଗଦେଇଥିଲେ। ସଭାରେ ଅଧ୍ୟାପିକା ସାଗରିକା ବିଷୋୟୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ପ୍ରଶିକ୍ଷିକା ଝରଣା ଦୁଆନଙ୍କ ସମେତ ଅନେକ ଛାତ୍ରୀ ତାଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ସମସ୍ତଙ୍କୁ ଯୋଗଦାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ଅଧ୍ୟାପିକା ତଥା ସଂଯୋଜିକା ଅଞ୍ଜନା ରାୟ ଚୌଧୁରୀ ପରିଚାଳନା କରିଥିଲେ।



## ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ

# ରାଜା ୱାରିୟର ରାଜମଣ୍ଡ୍ରି ଟିମ୍ ଚାମ୍ପିଅନ

**ବରଗଡ଼/ପଦ୍ମପୁର, ୧୯।୧(ସମିସ)**




ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡ଼ିଆରେ ୨୯ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍ ନବମ ଦିବସର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରାଜା ୱାରିୟର ରାଜମଣ୍ଡ୍ରି ଓ ୟୁନିଅନ ସ୍ପୋର୍ଟିଂ କଟକ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜା ୱାରିୟର ରାଜମଣ୍ଡ୍ରି ଟିମ୍ ଚାମ୍ପିଅନ ହୋଇଛି। ରାଜମଣ୍ଡ୍ରି କ୍ରିକେଟ ଟିମ୍ ଟସ ଜିଣି ବ୍ୟାଟିଂ କରି ୩୫ ଓଭରରେ ୮ଟି ୱିକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଜି. ଲାବନ ୭୯ ବଲରେ ୫୬ ରନ କରିଥିଲେ। କଟକ ଟିମ୍ ପକ୍ଷରୁ ପ୍ରଶାନ୍ତ ରଣା, ତାପସ ରାଉତ ଓ ଶେଖର ମାଝୀ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ କଟକ ଟିମ୍ ୨୬.୧ଓଭରରେ ସମସ୍ତ ୱିକେଟ ହରାଇ ୧୧୮ ରନ କରି ୫୭ ରନରେ ପରାସ୍ତ ହୋଇଥିଲେ। କଟକ ଟିମ୍ ପକ୍ଷରୁ ତାପସ ରାଉତ ୫୦ ବଲ୍‌ରେ ୩୬ ରନ ଓ ଜ୍ୟୋତିରଞ୍ଜନ ଦଳେଇ ୨୫ବଲରେ ୨୪ରନ ସଂଗ୍ରହ କରିଥିଲେ। ରାଜମଣ୍ଡ୍ରି ଟିମ୍ ପକ୍ଷରୁ ଚନ୍ଦୁ ରବଡା, ଲିଖିତ, ପ୍ରସନ୍ନ ଓ ରାମବାବୁ ୨ଟି ଲେଖାଏଁ ୱିକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି ଭାବରେ ଖରିଆର ବିଧାୟକ ଅଧୀରାଜ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ଓ ସ୍ୱତନ୍ତ୍ର ଅତିଥି ଭାବରେ ଓଡ଼ିଆ ସିନେତାରକା ପ୍ରକୃତି ମିଶ୍ର ଯୋଗଦେଇଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ରାଜମଣ୍ଡ୍ରି ଦଳର ଜି. ଲାବନ, ମ୍ୟାନ ଅଫ ଦି ସିରିଜ ଭାବେ କଟକ ଟିମ୍‌ର ତାପସ ରାଉତ, ବେଷ୍ଟ ବ୍ୟାଟ୍ସମ୍ୟାନ କଟକ ଟିମ୍‌ର ଜ୍ୟୋତିରଞ୍ଜନ ଦଳେଇଙ୍କୁ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚରେ ବିଜେତା ଦଳକୁ ୭୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୪୦ ହଜାର ଟଙ୍କା ସହିତ ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଭାବେ ବଳରାମ ପଟ୍ଟନାୟକ ଏବଂ ବିଶ୍ୱମ୍ବର ମହାକୁର ପରିଚାଳନା କରିଥିଲେ। ମ୍ୟାଚ ରେଫରୀ ଭାବରେ ସଚ୍ଚିଦାନନ୍ଦ ପଣ୍ଡା ଥିବାବେଳେ ସ୍କୋର ଦାୟିତ୍ୱ ଅମରେଶ ବେହେରା ଏବଂ ଅନଲାଇନ ସ୍କୋର ଦାୟିତ୍ୱ ରିଙ୍କୁ ବରିହା ତୁଲାଇଥିଲେ। କେଶରଞ୍ଜନ ପ୍ରଧାନ, ରୋହିଣି ପାଣ୍ଡେ, କୁମାର ଆନନ୍ଦ, ବିକାଶ କୁମ୍ଭାର, ଦିବ୍ୟ ପଣ୍ଡା ଓ ପ୍ରକାଶ ପାତ୍ର ପ୍ରମୁଖ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ବୋରାସମ୍ବର ସ୍ପୋର୍ଟିଂର ସମ୍ପାଦକ ଭରତ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ।

# ଜିଲ୍ଲାସ୍ତରୀୟ ସାଇନିଂ ଷ୍ଟାର୍ ଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭଟଲି, ୧୯।୧(ସମିସ):** ଭଟଲି ବ୍ଲକ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବରଗଡ଼ ଶିକ୍ଷାଜିଲ୍ଲାର ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ସାଇନିଂ ଷ୍ଟାର ଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ଼ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରକାଶ କୁମାର ଯୋଶୀ, ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ, ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼, ଭେଡେନ୍ ଓ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ମଛିନ୍ଦ୍ର ମଲ୍ଲିକ ଓ ଶୁଭମ କୁମାର ପତି ଉପସ୍ଥିତ ଥିଲେ। ଭବାନୀ ଶଙ୍କର ଗଡ଼ତିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରଜ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ମା' ରାମେଶ୍ୱର ରଣଚଣ୍ଡୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ସ୍କୁଲର ସାଇନିଂ ଷ୍ଟାର୍ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଚାରିଦିନ ଧରି ଜିଲ୍ଲାର ସମସ୍ତ ବିଷୟର ବିଜ୍ଞ ସାଧନକର୍ମୀଙ୍କ ଦ୍ୱାରା ସନ୍ଦେହମୋଚନ କରାଯାଇ ଆଗାମୀ ମାଟ୍ରିକ ପରୀକ୍ଷାରେ ଏ-୧' ରଖିବା ପାଇଁ ବିଭିନ୍ନ ପନ୍ଥାଗୁଡ଼ିକ ବିଷୟରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଯୋଶୀ ଛାତ୍ରଛାତ୍ରୀଙ୍କୁ ସଫଳତା ବିଭିନ୍ନ ସୋପାନମାନ ଆଲୋଚନା କରି ପିଲାମାନଙ୍କୁ ପ୍ରେରଣା ଯୋଗାଇଥିଲେ। ସମସ୍ତ ଅତିଥି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ କହିବା ସହିତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବାସହ ଉତ୍ସାହିତ କରିଥିଲେ। ସାଧନକର୍ମୀ ନାରାୟଣ ବିଶ୍ୱାଳ, ସଞ୍ଜୀବ କୁମାର ପ୍ରଧାନ, ଗୌରୀଶଙ୍କର ପଣ୍ଡା ଓ ଛାତ୍ରଛାତ୍ରୀ ରୀମା ପଧାନ ଓ କୁନାଲ ସାହୁ ଶିବିରରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଭଟଲି ବିଇଓ ସରୋଜ କୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।




ସକାଳ THE SAKALA



**ସମ୍ବଲପୁରୀ ଧନୁଯାତ୍ରା ଶେଷ**

# ଶ୍ରୀକୃଷ୍ଣଙ୍କ ହାତରେ କଂସ ନିଧନ





**ସମ୍ବଲପୁର, ୧୯।୧(ସମିସ)**

ସମ୍ବଲପୁରରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଥର ସମ୍ବଲପୁରୀ ଧନୁଯାତ୍ରା ରବିବାର ଶେଷ ହୋଇଛି। ଦୀର୍ଘ ୫ ଦିନର କଂସ ରାଜରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆଉ ଶୁଭିବ ନାହିଁ ସେହି ପ୍ରକମ୍ପିତ ଅଟ୍ଟହାସ୍ୟ। ନିରବି ଯାଇଛି ରଙ୍ଗମହଲ ଓ ରାଜଦରବାର। ଅପସରି ଯାଇଛି ନାଟ୍ୟାଭିନୟ। ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇ ମହାରାଜ ଉଗ୍ରସେନଙ୍କ ରାଜ୍ୟାଭିଷେକ ହୋଇଛି। ଧନୁଯାତ୍ରାର ଶେଷ ଦିବସର ନାଟ୍ୟାଭିନୟ କ୍ରମରେ କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ କରିଛନ୍ତି। ଏଥିପାଇଁ ଗୋପପୁର (ଚାଉଁରପୁର)ରୁ ମଥୁରାନଗରୀ(ସମ୍ବଲପୁର) ପର୍ଯ୍ୟନ୍ତ କୃଷ୍ଣ ବଳରାମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନଙ୍କ ଅଲୌକିକ ଶକ୍ତି ସମ୍ପର୍କରେ ଗୁପ୍ତଚରଙ୍କଠାରୁ ଜାଣି ମହାରାଜ ପୁଣି ସେହି ଦେବବାଣୀକୁ ମନେ ପକାଇଥିଲେ। ଅସ୍ଥିର, ବିଚଳିତ ହୋଇ ଉଠିଥିଲେ ମହାରାଜ କଂସ। ମାତ୍ର ତାଙ୍କୁ ଆଶ୍ୱାସନା ଦେବା ପାଇଁ ମହାମନ୍ତ୍ରୀ ଶକ୍ରାଜିତ, ସେନାପତି ହଂସଧ୍ୱଜ, ଚାଣୁର ମୁଷ୍ଟିକ ଏବଂ ମଲ୍ଲବୀର ନିଜ ନିଜ ବଳ ପରାକ୍ରମ ବଖାଣିଥିଲେ। ମହାରାଜଙ୍କ ଆଦେଶ ପାଇବା ମାତ୍ରେ କୃଷ୍ଣ-ବଳରାମଙ୍କୁ ବଧ କରିବେ ବୋଲି କହିଥିଲେ। ମହାରାଜ କଂସ ଏହି ଆଶ୍ୱାସନା ବାଣୀ ଶୁଣି ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଥିଲେ। ମନର ଦ୍ୱନ୍ଦକୁ ପାସୋରିବା ପାଇଁ ପୁଣି ସୁରାପାନ କଲେ। ନୃତ୍ୟଗୀତର ଆସରରେ ମସଗୁଲ ରହିଥିଲେ। ଏହା ପୂର୍ବରୁ ଗୋପପୁରରେ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ଧନୁଯାତ୍ରା ଦର୍ଶନ କରାଇବା ଏବଂ ଧନୁଯାତ୍ରା ଦେଖାଇବା ଆଳରେ ମଥୁରାପୁରକୁ ଘେନି ଆସିଥିଲେ। ଶେଷରେ କୃଷ୍ଣଙ୍କ ହାତରେ କଂସଙ୍କ ନିଧନ ପରେ ଉଗ୍ରସେନଙ୍କ ରାଜାଭିଷେକରେ ସମ୍ବଲପୁରୀ ଧନୁଯାତ୍ରା ଉଦଯାପିତ ହୋଇଛି। କଂସଙ୍କ ନିଧନ ପରେ ଜୟ ଶ୍ରୀକୃଷ୍ଣ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରାଜଦରବାର। ଶେଷରେ ଉଗ୍ରସେନଙ୍କୁ ଉଦ୍ଧାର କରି ରାଜ୍ୟାଭିଷେକ କରିବା ପରେ ଦ୍ୱତୀୟ ବର୍ଷର ସମ୍ବଲପୁରୀ ଧନୁଯାତ୍ରା ପରଦା ପଡ଼ିଥିଲା। ଏହି ଅବସରରେ ରାଜକୀୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କର୍ଣ୍ଣଲ ପ୍ରଭାତ ପଣ୍ଡା ଯୋଗଦେଇଥିବା ବେଳେ ଏହାକୁ ସଭାପତି ସଞ୍ଜୟ ବାବୁ ସଂଯୋଜନା କରିଥିଲେ। ଏହାକୁ ସାଧାରଣ ସମ୍ପାଦକ ଗୁଣ ରଞ୍ଜନ ସାଲିମା, ଉପ ସଭାପତି ରାମଦାସ ପଣ୍ଡା, ଶଙ୍କର ବେହେରା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ ଅତିଥି ସ୍ୱାଗତ କରିଥିଲେ। ଏହି ଅବସରରେ ଧନୁଯାତ୍ରାର ସ୍ମରଣିକାକୁ ମନ୍ତ୍ରୀ ସୁରେଶ ପୂଜାରୀ ମନ୍ତ୍ରୀ ପରିଷଦ ଓ କମିଟି ସଦସ୍ୟଙ୍କ ସହିତ ସମ୍ପାଦକ ଡ. ଶ୍ୟାମ ସୁନ୍ଦର ଧର ଉପସ୍ଥିତ ଥିଲେ। ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ ବିଭୁତି ଭୂଷଣ ପଟ୍ଟନାୟକ, ପ୍ରକୃତି ପଣ୍ଡା, ଉମାଶଙ୍କର ଦାସ, ଶ୍ୱେତା ପଣ୍ଡା, ସୁଶୀଲ କୁମାର ଦାସ କଣ୍ଠ ଦାନ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ବାଗଙ୍କ ପରିଚଳନାରେ ପଞ୍ଚବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ସହିତ ବହୁ ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।ଗୋପପୁର କମିଟି ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିବା କଳାକାର ଓ ଶିଳ୍ପୀ ମାନଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ଦିଲ୍ଲୀରେ 'ଜୁହାର ପରିବାର' ପକ୍ଷରୁ ପୁଷ୍ପୁନି ଭେଟ୍‌ଘାଟ

**ସମ୍ବଲପୁର, ୧୯ ।୧(ସମିସ):** ଜୁହାର ପରିବାର ଦିଲ୍ଲୀ ପକ୍ଷରୁ ରାଜଧାନୀର ଲାଜପତ ଭବନ ଠାରେ ପୁଷ୍ପୁନି ଭେଟ୍‌ଘାଟ୍ ଆୟୋଜିତ ହୋଇଥିଲା। ମା'ସମଲେଶ୍ୱରୀ, ମା'ପାଟଣେଶ୍ୱରୀ, ମା' ସୁରେଶ୍ୱରୀ ଓ ମା' ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଲୋକ ସେବକ ମଣ୍ଡଳର ସଚିବ ଡ଼ ପ୍ରଭାସ ଆଚାର୍ଯ୍ୟ, ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଶିଶିର ନାଏକ, ବରିଷ୍ଠ ଅଧିବକ୍ତା ଅଶୋକ ପଣ୍ଡା ଓ ଶରତ ନନ୍ଦ, ବରିଷ୍ଠ ସାମ୍ବାଦିକ ଡ଼.ଭବାନୀ ଦୀକ୍ଷିତ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍‌ସର ପ୍ରଫେସର ଡ଼.ସଞ୍ଜୀବ ଭୋଇ, ଭାରତୀୟ ବିମାନପତ୍ତନ ପ୍ରାଧିକରଣର ମହାପ୍ରବନ୍ଧକ ଶିବ ଶଙ୍କର ପାଣିଗ୍ରାହୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ପୂର୍ବତନ ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ସଞ୍ଜୟ ଭୋଇ। କାର୍ଯ୍ୟକ୍ରମରେ ଲୋକପ୍ରିୟ ଗାୟିକା ଅସୀମା ପଣ୍ଡା ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟକ ଅଙ୍କିତ ରାଜ ଓ ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କ ସମ୍ବଲପୁରୀ ଗୀତର ପ୍ରସ୍ତୁତି ଦେଇଥିଲେ। ପ୍ରିୟଲ ପ୍ରଧାନ ଓ ପରିଧି ପଟେଲ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନାମିକା ପାଣିଗ୍ରାହୀ ଓ ଅଭିଷେକ ଯୋଶୀ ହାସ୍ୟରସ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ର ଲୋକପ୍ରିୟ ବ୍ୟଞ୍ଜନ ଚାଉଳବରା ତେତେଲ ଚଟନୀ ସହିତ ଅନେକ ନିରାମିଷ ଓ ଆମିଷ ବ୍ୟଞ୍ଜନର ଲୋକେ ଆନନ୍ଦ ନେଇଥିଲେ। ପୁଷ୍ପୁନି ଭେଟ୍‌ଘାଟ୍‌ରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଅନୁପମ ମିଶ୍ର ସଂଯୋଜନା କରିଥିଲେ ଓ ଆୟୋଜନ ରେ ମାନସ ରଞ୍ଜନ ମିଶ୍ର, ବିଜୟାନନ୍ଦ ନାଏକ, ଅରକ୍ଷିତ ଶାସ୍ତ୍ରୀ, କୁନ୍ତଳା ଭୋଇ, ଦେବାଶିଷ ମାଝି, ଦେବଦତ୍ତ ଦାଶ, ମାନସ ମହାନ୍ତି, ତାପସ ଷଡ଼ଙ୍ଗୀ, ଅଜିତ ଦାଶ, ଦିନେଶ ନାଏକ, ଦିଲୀପ ବେହେରା, ଶ୍ରୀକାନ୍ତ ମିଶ୍ର, ପିନାକୀ ରଥ, ଆକାଶ ପାଣିଗ୍ରାହୀ, ବିଜୟ ତ୍ରିପାଠୀ, ସତ୍ୟନାରାୟଣ ପ୍ରଧାନ, ଜଗଦୀଶ ପଟେଲ, ବିବେକ ପାତ୍ର, ପ୍ରମୁଖ ଭୂମିକା ନେଇଥିଲେ।



**ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ୍ ବରଗଡ଼ର ସାଧାରଣ ପରିଷଦ ବୈଠକ**

# 'ସମ୍ବାଦ ପରିବେଷଣରେ ଖବରର ଅନ୍ତଃସ୍ୱର ବିକୃତ ନ ହେଉ'

**ଅମ୍ବାଭୋନା, ୧୯।୧(ସମିସ):** ସମ୍ବାଦ ପରିବେଷଣରେ ଖବରର ଅନ୍ତଃସ୍ୱର ବିକୃତ ନ ହେଉ ବୋଲି ରବିବାର ଆମ୍ବଭୋନା ବ୍ଲକ ସମ୍ମିଳନୀ କକ୍ଷରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ ବରଗଡ଼ (ଜାବ୍)ର ସାଧାରଣ ପରିଷଦ ବୈଠକରେ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଜାବ୍‌ର ସଭାପତି ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁଙ୍କ ସଂଯୋଜନାରେ ବୈଠକରେ ସଂଘର ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ଜିଲ୍ଲା ମୁଖ୍ୟାଳୟ ବରଗଡ଼ରେ ଯଥାଶୀଘ୍ର ସଂଘର ଏକ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା, ଜିଲ୍ଲା କଲ୍ୟାଣ ପାଣ୍ଠି ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଗଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଜନିତ ସ୍ମାରକ ପତ୍ର ପ୍ରତ୍ୟେକ ବିଧାୟକମାନଙ୍କୁ ସେହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ବ୍ଲକ ୟୁନିଟ୍‌ର ସଦସ୍ୟମାନେ ମିଳିତ ଭାବରେ ପ୍ରଦାନ କରିବେ, ବରଗଡ଼ - ସରିଆ ରୋଡ୍‌କୁ ଜାତୀୟ ରାଜପଥ ଭାବରେ ଘୋଷଣା କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଲିଖିତ ଭାବରେ ଦାବି କରାଯିବ, ସିଂଗୋଡା ଘାଟିରୁ ଡେବ୍ରିଗଡ଼ର ଶେଷ ସୀମା ପର୍ଯ୍ୟନ୍ତ ଅଞ୍ଚଳକୁ ଐତିହାସିକ କରିଡର ଭାବରେ ଘୋଷଣା କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଲିଖିତ ଅନୁରୋଧ କରାଯିବ।



ଗାଇସିଲେଟ ବ୍ଲକର ବସ୍‌ଷ୍ଟାଣ୍ଡ ଓ ସରକାରୀ ଅଫିସ ଗୁଡ଼ିକରେ ପବ୍ଲିକ ଟୟଲେଟ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ବୈଠକରେ ଦୀର୍ଘଦିନ ଧରି ନିରବିଚ୍ଛିନ୍ନ ଭାବରେ କାର୍ଯ୍ୟକରି ଆସୁଥିବା ସମସ୍ତ ସାମ୍ବାଦିକମାନଙ୍କୁ ଅମ୍ବାଭୋନା ବ୍ଲକ ୟୁନିଟ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ଉପ ସଭାପତି ପ୍ରଭୁଚରଣ ମହାନ୍ତି, ତଥା ବରିଷ୍ଠ ସଦସ୍ୟ ହେମନ୍ତ ପ୍ରଧାନ ମଞ୍ଚାସିନ ଥିଲେ। ରମେଶ ବାରିକ, ସରୋଜ କୁମାର ଷଡ଼ଙ୍ଗୀ, ସତ୍ୟ ପ୍ରଧାନ, ଜ୍ୟୋତି ରଞ୍ଜନ ମହାପାତ୍ର, ଅର୍ଜୁନ ସାହୁ, ଯୁଧିଷ୍ଠିର ମହାପାତ୍ର, କୀର୍ତ୍ତନ ବିଶ୍ୱାଳ, ସଞ୍ଜୀବ ପୁରୋହିତ ଓ ଧିରେନ ମହାନ୍ତିଙ୍କ ସମେତ ବିଭିନ୍ନ ବ୍ଲକରୁ ବହୁ ସାମ୍ବାଦିକ ଭାଇମାନେ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଜୟସିଂ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଙ୍ଗାଲି ଉନ୍ନିତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର୍ ସ୍ତରୀୟ ସଭା

**ବରଗଡ଼, ୧୯।୧(ସମିସ):** ରେଙ୍ଗାଲି ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ସିଆରସିସି ଜୟଦେବ ନାଏକଙ୍କ ସଭାପତିତ୍ୱରେ ପାହାଡ଼ଶ୍ରୀଗିଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୌଳିକ ସଂଖ୍ୟା ଜ୍ଞାନ ଓ ମୌଳିକ ଭାଷା ସମ୍ପର୍କରେ ଶ୍ରୀ ନାଏକ ଆଲୋଚନା କରିବା ସଙ୍ଗେ ସଙ୍ଗେ ଜାନୁୟାରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର ଅନୁସାରେ କଣ ପଢ଼ା ହେବ ଓ କେମିତି ପଢ଼ାଇବେ ତାହା ଆଲୋଚନା କରାଯାଇଥିଲା। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ମାସିକ ସଭା ଶେଷ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ପୁଷ୍‌ପୁନି ଭେଟ୍‌ଘାଟ୍

## ପଶ୍ଚିମ ଓଡ଼ିଶାବାସୀ ଜୁହାର ପରିବାର

**ବରଗଡ଼, ୧୯।୧(ସମିସ):** ଗୁଜୁରାଟର ଭଦୋଦରା ସହରରେ ରବିବାର ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ଜୁହାର ପରିବାର ପକ୍ଷରୁ ପୁଷପୁନି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ପୁଷପୁନି ଖୁବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିଥିଲେ। ଏହି ଅବସରରେ ସଦସ୍ୟ ବୃନ୍ଦ ସମ୍ବଲପୁରୀ ଗୀତ ଓ ବାଦ୍ୟର ସୁରେସୁରେ ଝୁମିଉଠିଥିଲେ। ସମସ୍ତେ ସମ୍ବଲପୁରୀ ହସ୍ତତନ୍ତର ଲୋକପ୍ରିୟତା ବୃଦ୍ଧି କରିବା ପାଇଁ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। କୁନି କଳାକାରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ଚଳିତ ବର୍ଷ ଜୁହାର ପରିବାର ଭଦୋଦରା ପକ୍ଷରୁ ପ୍ରକୃତିର ସୁରକ୍ଷା ପାଇଁ ସମସ୍ତ ସଭ୍ୟଙ୍କୁ ଅଙ୍କୁରିତ ଚାରା ବିତରଣ କରାଯାଇଥିଲା। ଆୟୋଜିତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତେ ସମ୍ବଲପୁରୀ ଗୀତ ବାଦ୍ୟ ସହିତ ସମ୍ବଲପୁରୀ ଖାଦ୍ୟ ଯଥା ଚାଉଳ ବରା ଓ ଆରିସା ପିଠାର ଭୂୟସି ପ୍ରଶଂସା କରିଥିଲେ। ବିଦେଶରେ ରହି ମଧ୍ୟ ନିଜ ଅଞ୍ଚଳକୁ ମନେ ପକାଉଥିଲେ। ରାଜ୍ୟ ବାହାରେ ରହି ବି ପ୍ରତି ବର୍ଷ ସମସ୍ତେ ମିଶି ଏକାଠି ହୋଇ ଏମିତି ପର୍ବ ପର୍ବାଣୀ ପାଳନ କରି ଏକ ନିଆରା ପରମ୍ପରା ସୃଷ୍ଟି କରିପାରିଛନ୍ତି ଜୁହାର ପରିବାର।



କାର୍ଯ୍ୟବ୍ୟସ୍ତତାରେ ଘରକୁ ଛୁଟିରେ ଆସିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ସେଥିପାଇଁ ରାଜ୍ୟ ବାହାରେ ଏକାଠି ହୋଇ ଓଡ଼ିଆଙ୍କ ସମସ୍ତ ପର୍ବପର୍ବାଣୀ ପାଳନ କରିଥାନ୍ତି। ଏଥର ପୁଷପୁନି ଖୁବ୍ ଯାକଜମକରେ ହୋଇଥିବାର ଜଣାପଡ଼ିଛି।

## ସମ୍ବିଧାନ ସୁରକ୍ଷା ମଞ୍ଚ

**ବରଗଡ଼:** ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ତୃତୀୟ ବର୍ଷ ପୁଷପୁନି ଭେଟ୍‌ଘାଟ୍ ବରଗଡ଼ ସୌଖିନ କଳାକାର ମଞ୍ଚରେ ପାଳିତ ହୋଇଯାଇଛି। ମଞ୍ଚ ତରଫରୁ ପ୍ରଥମେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଟାଉନ ଥାନା ପର୍ଯ୍ୟନ୍ତ ଯାଇଥିଲା। ପରେ ସଂସ୍କୃତି ପରମ୍ପରାକୁ ବଜାୟ ରଖି ଆମ ଅଞ୍ଚଳର ଗଣ୍ଡାବଜା ଡାଲଖାଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଆବାହକ ପବିତ୍ର ଦେହେରୀ ମଞ୍ଚ ପରିଚାଳନା କରିଥିବା ବେଳେ ସର୍ବଶ୍ରୀ ନିହାଲ ସିଂ, ଡ. ଲଲାଟେନ୍ଦୁ ନାୟକ, ମେଘନାଥ ପଧାନ, ଶିବଶଙ୍କର ପଧାନ, ଅଶୋକ ପଶାୟତ, ଆଶୁତୋଷ ରଥ, ମାରିୟମ ବାର୍ଲା, ରମେଶ ମହାପାତ୍ର ଓ ବିନ୍ଦୁ ମଳିକ ମଞ୍ଚାସିନ ଥିଲେ। ସମସ୍ତ ସାଂସ୍କୃତିକ ଦଳମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ବିର୍ସା ମୁଣ୍ଡା ସାଂସ୍କୃତିକ ଦଳ ମୁଣ୍ଡପଡ଼ା ତରଫରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ନାଚଗୀତ ସହିତ ଛେରଛେରା ମଗାଯାଇଥିଲା। ଛ ତୁଣ ନ ଭଜା, ଲେଥା ତୁନ ଡାକ ବଜା ଓ ପିଠାପଣା ସ୍ୱାଦିଷ୍ଟ ଭୋଜନ କରାଯାଇଥିଲା। ନମିତା ଦୀପ, ସୀମା ଦୀପ, ବଳରାମ ଦୀପ, ସଞ୍ଜୟ ଦେହେରୀ, ସନୁ କର୍ଣ୍ଣାଲ, ବିଜୟ ଲକ୍ଷ୍ମୀ ବେହେରା, ସନ୍ତୋଷିନୀ ନାଗ ଓ ସମ୍ପାଦକ ଦିନେଶ ଅଗ୍ରୱାଲ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ସମ୍ବଲପୁର, ୧୯।୧(ସମିସ):** ମାନେଶ୍ୱର ହାଇସ୍କୁଲର ୧୯ ୯୪ ମସିହାର ମାଟ୍ରିକର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରତିକ୍ଷିତ ପରେ ଦୀର୍ଘ ତିରିଶ ବର୍ଷ ପରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିବାରୁ ପୁରାତନ ଛାତ୍ରଛାତ୍ରୀମାନେ ଖୁସି ପ୍ରକଟ କରିଛନ୍ତି। ଦାମୋଦର ମେହେର ସଭା ପରିଚାଳନା କରିବା ସହିତ ଆର୍ତ୍ତତ୍ରାଣ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ। ପୂର୍ବତନ ଶିକ୍ଷକ ହୀରାଲାଲ ବାରିକ, ସନତ ପଣ୍ଡା, ସୁରେଶ ପୂଝାରୀ, ବଦ୍ରିନାରାୟଣ ପୁରୋହିତ ଓ ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ପୁରାତନ ଛାତ୍ର/ଛାତ୍ରୀ ପିନାକୀ ରଥ, ରାଧେଶ୍ୟାମ ପଣ୍ଡା, ଅରବିନ୍ଦ ମାଝୀ, ଜଗଦୀଶ ପୂଝାରୀ, ଦେବଦତ୍ତ ମେହେର, ଯଦୁମଣି କୁମ୍ଭାର, ସଂଯୁକ୍ତା ବାଗ, ଚେତନାମୟୀ ବେହେରା, ଦୀପ୍ତିମୟୀ ଲେଙ୍କା, କଳ୍ପନା ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ ମିଲିଟାରୀ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍

**ବରଗଡ଼, ୧୯।୧(ସମିସ):** ବରଗଡ଼ ବ୍ଲକ ଅଧୀନ ବଗେଇବିରା ଖେଳପଡ଼ିଆରେ ଇଣ୍ଡିଆନ ମିଲିଟାରୀ ଏକାଡେମୀର ତୃତୀୟ ବାର୍ଷିକ ଆଥଲେଟିକ୍ ମିଟ୍ ଦିବସ ଅବସରରେ ରାଜ୍ୟସ୍ତରୀୟ ଆଥଲେଟିକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ପୁରନ୍ଦର ଭୋସାଗରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ୫ କିଲୋମିଟର ମାରାଥନକୁ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଶୁଭାରମ୍ଭ କରିଥିଲେ। ଏକାଡେମୀର ସମ୍ପାଦକ ଜଗତ ଦେହେଲିଆ, ଅଗ୍ନିବୀର ଯବାନ ସାଗର ନାଏକ, ଆକାଶ କୁଅଁର, ସମୀର ବରିହା, ରୂପେଶ୍ୱର ଭୋସାଗର, ଟିକୁ ଦେହେଲିଆ ଓ ଅବେଦ ଭୋସାଗର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ରାଜ୍ୟର ୧୦ଟି ଜିଲ୍ଲାରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫କିମି ମାରାଥନ୍‌ରେ କଳାହାଣ୍ଡିର ପଙ୍କଜ ରଣା ପ୍ରଥମ ହୋଇ ୩୦୦୦ ଟଙ୍କା ନଗଦ ରାଶି ସହ ଟ୍ରଫି ଓ ସାର୍ଟିଫିକେଟ୍, କଳାହାଣ୍ଡିର ନେତ୍ରମଣୀ ସବର ଦ୍ୱିତୀୟ ହୋଇ ୨୦୦୦ ଟଙ୍କା ନଗଦ ରାଶି ସହ ଟ୍ରଫି ଓ ସାର୍ଟିଫିକେଟ୍ ଏବଂ ସୋନପୁରର ରାଧେଶ୍ୟାମ ହରିପାଳ ତୃତୀୟ ହୋଇ ୧୦୦୦ ଟଙ୍କା ନଗଦ ରାଶି ସହ ଟ୍ରଫି ଓ ସାର୍ଟିଫିକେଟ୍ ଦେଇ ପୁରସ୍କୃତ କରାଯାଇଥିଲା। ସେହିଭଳି ସିନିୟର ଜୁନିୟର ମେନ୍ ଏବଂ ସିନିୟର ଜୁନିୟର ଓମେନ୍ସ ବିଭାଗର ୧୬୦୦ ମିଟର ଓ ୧୦୦ ମିଟର ଦୌଡ଼ରେ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ଶ୍ରୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଆଶିଷ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଆଥଲେଟିକ୍ସ ମିଟ୍‌କୁ ପରିଚାଳନାର ସଭାପତି ପୁରନ୍ଦର ଭୋସାଗରଙ୍କ ସମେତ ଏକାଡେମୀର ସମସ୍ତ ସଦସ୍ୟସଦସ୍ୟା ଅଂଶଗ୍ରହଣ କରିଥିଲେ ଏବଂ ଗାଁର ଅନେକ କ୍ରୀଡ଼ା ପ୍ରେମୀ ଯୋଗଦେଇଥିଲେ।

# 'ସେବା, ସମର୍ପଣର ଜ୍ୱଳନ୍ତ ପ୍ରତିଛବି ପାର୍ବତୀ ଗିରି'







**ବରଗଡ଼, ୧୯।୧(ସମିସ)**

ବଡ଼ମା ଚଳଚ୍ଚିତ୍ର ପରିବାର, ସମାଜସେବୀ ଓ ସାମ୍ବାଦିକ ଭାଇଙ୍କ ଗହଣରେ ରବିବାର ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୯୯ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବହ୍ନିକନ୍ୟା ପାର୍ବତୀ ଗିରି ଥିଲେ ସେବା ସମର୍ପଣର ଜ୍ୱଳନ୍ତ ପ୍ରତିଛବି। ମାଁ, ମାଟି ଓ ମୁକ୍ତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଆଦର୍ଶକୁ ଅନୁକରଣ କଲେ ଆଦର୍ଶ ସମାଜ ଗଠନ କରାଯାଇପାରିବ ବୋଲି ଯାବ୍ ସଭାପତି ରବି ନାରାୟଣ ପଣ୍ଡା ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ପ୍ରଥମେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବଡ଼ମା ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ଯାବ୍ ସଭାପତି ରବିନାରାୟଣ ପଣ୍ଡା, 'ସକାଳ'ର ଜିଲ୍ଲା ପ୍ରତିନିଧି ସରୋଜ କୁମାର ଷଡ଼ଙ୍ଗୀ, ସାମ୍ବାଦିକ ବଦ୍ରି ପ୍ରସାଦ ସାହୁ, ସାମ୍ବାଦିକ ରମଣୀ ରଞ୍ଜନ ବେହେରା, ସାମ୍ବାଦିକ ପ୍ରଦୀପ ପାଢ଼ୀ, ଅଭିନେତ୍ରୀ କନକ ଡନସନା, ସମାଜସେବୀ ମାମି ମିଶ୍ର, ଅର୍ଚ୍ଚିତା ମହାପାତ୍ର, ରାଜେନ୍ଦ୍ର ବାଗ, ଲଳିତ ମେହେର ଓ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

**ପାଇକମାଳ:** ପାଇକମାଳ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସକାଳ ୫ଟାରେ ମାତୃନିକେତନର ଅନ୍ତେବାସୀ ଜର୍ଜଗଡ଼ ଗ୍ରାମ ପର୍ଯ୍ୟନ୍ତ ଯାଇ ରାମଧୁନ ଗାନ କରିଥିଲେ। ସକାଳ ୮ଟାରେ ନୃସିଂହନାଥ ଯାଇ ସେଠାରେ ତିଳତର୍ପଣ କରାଯାଇଥିଲା। ସ୍ମୃତିପୀଠ ପରିସରରେ ସର୍ବଧର୍ମ ପ୍ରାର୍ଥନା ସହ ଦୀପଦାନ କରିଥିଲେ। ଅନ୍ତେବାସୀ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧୂପ ଓ ଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରିଥିଲେ। ଅପରାହ୍ଣ ୬ଟାରେ ଜନ୍ମଜୟନ୍ତୀ ପାଳନସହ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ଅତିଥି ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଭାରେ ସମାଜସେବୀ ରଜନୀକାନ୍ତ ପରିଡ଼ା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସବ୍‌ଜଜ୍ ପଦ୍ମପୁର ଦେବାଶିଷ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଭକ୍ତପୁରନ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ କୁମାର ଓଦୁ, ପାଇକମାଳ ଆଇଆଇସି ସୁଶାନ୍ତ କୁମାର ପ୍ରଧାନ, ପଦ୍ମପୁର କେନ୍ଦୁପତ୍ର ରେଞ୍ଜର ରମେଶ ଚନ୍ଦ୍ର ସାହୁ, ଡିସିପିଓ ନୂଆପଡ଼ା ଅନ୍ତର୍ଯ୍ୟାମୀ ବଳିଆର ସିଂ, ଗହଳ ବାରିକ, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ ଓ ଅନୁଷ୍ଠାନର ସମ୍ପାଦିକା ମମତା ପୁରୋହିତ ଯୋଗଦେଇ ପାର୍ବତୀ ଗିରିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଉର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷ ନିର୍ମଳ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ପାର୍ବତୀ ଗିରି ସେବା ସମ୍ମାନ ସ୍ୱାଧିନତା ସଂଗ୍ରାମୀ ଓ ସ୍ୱର୍ଗତ କୁଞ୍ଜବିହାରୀ ଦାଶଙ୍କୁ ମରଣୋତ୍ତର ସେବା ସମ୍ମାନ ଅତିଥିମାନଙ୍କ ଦ୍ୱାରା ତାଙ୍କ ନାତି ଦିଲ୍ଲୀପ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଗହଳ ବାରିକଙ୍କୁ ମଧ୍ୟ ପାର୍ବତୀ ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ମାତୃପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ।

**ବରଗଡ଼:** ମହାନ୍ ନାରୀ ତଥା ସ୍ୱାଧୀନତା ସଂଗ୍ରାମୀ, ବରଗଡ଼ର ଗର୍ବ ଓ ଗୌରବ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ, ଡ. ଗାୟତ୍ରୀ ମିଶ୍ର, ଅଧ୍ୟାପକ ତୁଷାରକାନ୍ତି ତ୍ରିପାଠୀ, ଡ. ସଂଘମିତ୍ରା ମିଶ୍ର, ଅଧ୍ୟାପିକା ଚିନ୍ମୟୀ ରଥଙ୍କ ସମେତ ଅନେକ ଅଧ୍ୟାପକ ଓ ଛାତ୍ରୀଗଣ କଲେଜ ସାମ୍ନାରେ ଥିବା ପାର୍ବତୀ ଗିରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଭକ୍ତି ସୁମନ ଅର୍ପଣ କରିଥିଲେ। ପରେ ଜୟନ୍ତୀ ସଭାରେ ମହାନ୍ ନାରୀ ନେତ୍ରୀଙ୍କ ସାହସିକତା ଓ ବଳିଦାନର ସ୍ମୃତିଚାରଣ ପୂର୍ବକ ଆଲୋଚନା ହୋଇଥିଲା। ଶେଷରେ ଡ. ଚନ୍ଦ୍ରମଣି ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜେପୁର:** ବହ୍ନିକନ୍ୟା ପାର୍ବତୀ ଗିରି ଥିଲେ ସେବା ସମର୍ପଣର ଜ୍ୱଳନ୍ତ ପ୍ରତିଛବି। ମାଁ ମାଟି ମୁକ୍ତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଆଦର୍ଶକୁ ଅନୁକରଣ କଲେ ଆଦର୍ଶ ସମାଜ ଗଠନ କରାଯାଇପାରିବ ବୋଲି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମ ସମଲେଇପଦରରେ ଅନୁଷ୍ଠିତ ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଛି। ଚାଷୀ ନେତା ସୁବାଷ ପଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପୁର ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡ଼ତିଆ ଯୋଗଦେଇଥିଲେ। ପାର୍ବତୀ ଗିରି ବୃଦ୍ଧାଶ୍ରମର ସମ୍ପାଦକ ଜଳନ୍ଧର ପଟେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଯୋଗେଶ ବଢେଇ ଓ ଧିରେନ୍ଦ୍ର ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅଧ୍ୟାପକ ଡ. ସରୋଜ କୁମାର ନାଏକ ଓ କଟାପାଲି ଡିଗ୍ରୀ କଲେଜର ଅଧ୍ୟାପକ ବିଭୁଦତ୍ତ ପଧାନ ସମ୍ମାନିତ ବକ୍ତାଭାବେ ଯୋଗଦେଇ ବହ୍ନିକନ୍ୟାଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଧାଂଶୁ ଶେଖର ଜାଲ ସଭା ପରିଚାଳନା କରିଥିଲେ। ଭୋର ୫ଟାରେ ପ୍ରଭାତ ଫେରି, ରାମଧୂନ ଗାନ ଓ ସକାଳ ୮ଟାରେ ଗ୍ରାମ ସଫେଇ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ସଂଘ ବିଜେପୁର ଏବଂ ବରଗଡ଼ ମାରୱାଡ଼ି ଯୁବା ମଞ୍ଚକୁ ପାର୍ବତୀ ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଲାଲ ସାହେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

● କଙ୍ଗାରୁ କୋର୍ଟରେ ମହିଳାଙ୍କୁ ଲଣ୍ଡା କରିବା ଘଟଣା

## ପୁନରାବୃତ୍ତି ନ ହେବାକୁ ଜିଲ୍ଲାପାଳଙ୍କୁ ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଝାରସୁଗୁଡା, ୧୯ ।୧(ସମିସ): ଝାରସୁଗୁଡା ଜିଲ୍ଲା ଲାଇକେରା ଥାନା ଜାମମାଲ ପଞ୍ଚାୟତର ରାଉତବାହାଲ ଗ୍ରାମରେ କଙ୍ଗାରୁ କୋର୍ଟ ବସାଇ ଜଣେ ମହିଳାଙ୍କୁ ଲଣ୍ଡା କରିବା ଘଟଣାରେ ମାନବଧିକାର କମିଶନ କଡା ବିରକ୍ତି ପ୍ରକାଶ କରିଛନ୍ତି। ଏହି ମାମଲାରେ ନିଜର ରାୟ ପ୍ରକାଶ କରି ଏଭଳି ଘଟଣାର ପୁନରାବୃତ୍ତି ଆଗକୁ ଯେମିତି ନ ହେବ ସେଥିପ୍ରତି ଯତ୍ନବାନ ହେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। କିଷାନ ସମାଜର କୌଣସି ସଦସ୍ୟ ଏଭଳି ବେଆଇନ କାର୍ଯ୍ୟ କଲେ ବା ଆଇନ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନବାଧିକାର କମିଶନ ଝାରସୁଗୁଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, କଙ୍ଗାରୁ କୋର୍ଟ ବସାଇ ହେମ କିସାନ ନାମ୍ନୀ ଜଣେ ମହିଳାଙ୍କୁ ଲଣ୍ଡା କରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ ମହେନ୍ଦ୍ର କିସାନ, ଘଟଣାର ମୁଖ୍ୟ ଅଭିଯୁକ୍ତ ଶତ୍ରୁଘ୍ନ କିଷାନ, ନବୀନ ପିଙ୍ଗ, ସୁଶାନ୍ତ ପିଙ୍ଗଙ୍କୁ ପୁଲିସ ଗିରଫ କରିଛି।

## ଲଖନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଝାରସୁଗୁଡା, ୧୯ ।୧(ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଛି। ନିରଞ୍ଜନ ଦାସ, ରାଧେଶ୍ୟାମ ଶର୍ମା, ପଦ୍ମା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ରାଜକୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ଖମାରୀ ବିବରଣୀ ପଠନ କରିଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ବେଣୁଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼ ହେବ କୃଷି ଆଧାରିତ ଅଗ୍ରଣୀ ଅର୍ଥନୈତିକ ଜିଲ୍ଲା

ଦେବଗଡ଼, ୧୯ ।୧(ସମିସ)



ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚାରେ ଦେବଗଡ଼ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଚାଲଇଛି। ରବିବାର ତୃତୀୟ ଦିବସରେ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦେବଗଡ଼ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ। ଜିଲ୍ଲାକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା କରିଥିବା ସେ ପ୍ରକାଶ କରିଥିଲେ। ଏଥିସହ ଆୟ ଦୁଇ ଗୁଣିତ କରିବା ନିମନ୍ତେ କୃଷି ଯନ୍ତ୍ରପାତି ଉପଯୋଗ କରିବା ସହ ଚାଷୀଙ୍କ ଅର୍ଥନୈତିକ ବିକାଶ ନିମନ୍ତେ କୃଷି ଯନ୍ତ୍ରପାତି ବହୁଳ ବ୍ୟବହାର ଏବଂ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରିବା ପାଇଁ ଚାଷୀଙ୍କୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ସମ୍ବଲପୁର ଉତ୍ତରାଞ୍ଚଳ କୃଷି ଅଧିକ୍ଷଣ ଯନ୍ତ୍ରୀ ଇଂ ଅଭିମନ୍ୟୁ ଜେନା ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁତି ଭୂଷଣ ଜେନାମଣିରାୟ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାରକୋଟ ବ୍ଲକର ବାଳିନାଳି ଗ୍ରାମର ଚୂଡ଼ାମଣି ସାହୁ, ଆମ୍ବକଟା ଗ୍ରାମର ଧରଣୀଧର ସାହୁ, ଗୁରୁସଙ୍ଗ ଗ୍ରାମର ଗୌରମୁଣ୍ଡା ଗଡ଼ନାୟକ, ତିଲେଇବଣି ବ୍ଲକ ଟିକିଲିଝରଣ ଗ୍ରାମର ସୁରେଶ ସାହୁ, ଛେପଲିପାଲି ଗ୍ରାମର ପଞ୍ଚାନନ ସ୍ୱାଇଁ ଓ ରିଆମାଳ ବ୍ଲକର ଝିଙ୍କାବିରା ଗ୍ରାମର

● ଜିଲ୍ଲା କୃଷି ମହୋତ୍ସବରେ ମନ୍ତ୍ରୀଙ୍କ ଦୃଢୋକ୍ତି

ଲିପିକାରାଣୀ ପ୍ରଧାନ, ତାବଡା ଗ୍ରାମର ପୁଲସ୍ତି ବେହେରା, ମତ୍ସ୍ୟ ଚାଷ କ୍ଷେତ୍ରରେ ବାରକୋଟ ବ୍ଲକ ଦଣ୍ଡାସିଂଘା ଗ୍ରାମର ଜିତେନ୍ଦ୍ର ସାହୁ, ରିଆମାଳ ବ୍ଲକ ମଳେହିପଡ଼ା ଗ୍ରାମର ସୌଦାମିନୀ ଦେହୁରୀ, ତିଲେଇବଣି ବ୍ଲକର ସେବକ ଚନ୍ଦ୍ର ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମୋନାଲିସା ମହାପାତ୍ର ଓ ବିଦେଶୀ ସାହୁ ସଂଯୋଜନା କରିଥିଲେ।

## ଗୋରଖା ସମାଜର ତୃତୀୟ ବାର୍ଷିକୀ ଉତ୍ସବ

ଝାରସୁଗୁଡା, ୧୯ ।୧(ସମିସ): ସ୍ଥାନୀୟ ଓଏମପି ଦୁର୍ଗାମନ୍ଦିରରେ ଗୋରଖା ସମାଜର ତୃତୀୟ ବାର୍ଷିକୀ ଉତ୍ସବ ସହ ମାଘେ ସଂକ୍ରାନ୍ତି ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ଦୀପାଳି ଦାସ, ପୂର୍ବତନ ଦୁର୍ଗପତି ଲକ୍ଷ୍ମଣ ସିଂ ଠାକୁରି, ସାମ୍ବାଦିକ ମେହବୁବ ମେହତାବ, ଅର୍ଜୁନ ଲାଲ ମୋର, ତାପସ ରାୟ ଚୌଧୁରୀ, ଓଏସଏପି ଦ୍ୱିତୀୟ ବାଟାଲିୟନର ଦୁର୍ଗପତି ପ୍ରସାଦ ତମାଙ୍ଗ, ଆଇନଜୀବୀ ତ୍ରିନାଥ ଗୁଆଲ, ପ୍ରତାପ ନନ୍ଦ, ପ୍ରଶାନ୍ତ ନନ୍ଦ, ବରିଷ୍ଠ ସାମ୍ବାଦିକ ନିଳେନ୍ଦ୍ର ଗଜେନ୍ଦ୍ର, ସୁଶାନ୍ତ ଗୁପ୍ତା, ଜ୍ଞାନେନ୍ଦ୍ର ବେହେରା, ଗୋରଖା ସମାଜର ସଭାପତି ଗଣେଶ ସୁନାର, ନିର୍ଦ୍ଦେଶିକା ଗୀତା ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ନିତୁ ଥାପା ସଭା ପରିଚାଳନା କରିଥିଲେ। ଏହି ଅବସରରେ ହରିଶଙ୍କର ଓରାମ, ଗୁମହାଡେରାର ଅଲିସା ବାର୍ଲା ସମ୍ମାନିତ ହୋଇଥିଲେ। ଡାକ୍ତର ପ୍ରକାଶ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ନବଙ୍କ ଶ୍ରାଦ୍ଧ ବାର୍ଷିକୀରେ ପ୍ରତିଯୋଗିତା

ଝାରସୁଗୁଡା, ୧୯ ।୧(ସମିସ): ନବ ଦାସ ଫାଉଣ୍ଡେସନ ପକ୍ଷରୁ ୨ୟ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ରଚନା ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ବିକାଶ କ୍ଷେତ୍ରରେ ନବ ଦାସଙ୍କ ଅବଦାନ ଶୀର୍ଷକ ରଚନା ପ୍ରତିଯୋଗିତା ଏବଂ ନବ ଦାସ ଓ ଝାରସୁଗୁଡା ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଡାକ୍ତର ବିଶ୍ୱଜିତ୍ ଖମାରୀ, ତପନ ବାରିକ, ମେହେବୁବ ମହତାବ, ରାଧାମୋହନ ପାଣ୍ଡେ, ନରେନ୍ଦ୍ର ପଣ୍ଡା, ମନ୍ଦାକିନୀ ଶତପଥୀ, ତପନ ସାହୁ, ହିମାଂଶୁ ଶେଖର ମହାକୁଡ, ବିରାଟ ରାଜ ପ୍ରଧାନ ଏହି ପ୍ରତିଯୋଗିତାର ବିଚାରକ ଥିଲେ। ଦୀପାଳି ଦାସ, ଜିଲ୍ଲା ବିଜେଡି ସଭାପତି ରବି ସିଂହ, ତାପସରାୟ ଚୌଧୁରୀ, ମହିଳା ସଭାନେତ୍ରୀ ରୋଜାଲିନ ପଟେଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ପିଣ୍ଟୁ ପାଢ଼ୀ, ଲୋକନାଥ ତିୱାରୀ, ଉମେଶ ବେହେରା, ସୁବାସ କେଡିଆ, ସୂର୍ଯ୍ୟକାନ୍ତୀ ମହାପାତ୍ର, ନବନିତ କୋର, ଦୀପା ନାଏକ ପ୍ରମୁଖ ସହଯୋଗ କରିଥିଲେ।




## କୁରଡ଼ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଦେବଗଡ଼, ୧୯ ।୧(ସମିସ): କୁରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ. ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଯୋଗେଶ ଚନ୍ଦ୍ର ପ୍ରଧାନ, ଡାଏଟ ଅଧ୍ୟକ୍ଷ ସନ୍ତୋଷ ଗୌଡ଼, ରମଣୀ ରଞ୍ଜନ ଆଚାର୍ଯ୍ୟ, ଟାଇଁସର ସରପଞ୍ଚ ବାସନ୍ତୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟାଇଁସର କ୍ଲଷ୍ଟର ସିଆରସିସି ଭେନସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁ, ଶିକ୍ଷକ କଳାକାର ଘନଶ୍ୟାମ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନା ବେହେରା, ଶିକ୍ଷୟିତ୍ରୀ ମମତା ଶତପଥୀ, ଧରିତ୍ରୀ ରାଏ, ଜୟନ୍ତୀ ମିଶ୍ର, ଅହଲ୍ୟା ସାହୁ, ନୀଳିମା ବେହେରା ଓ କ୍ରୀଡା ଶିକ୍ଷକ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ସଡ଼କ ସୁରକ୍ଷା ପକ୍ଷରେ ପୁଲିସର ସଚେତନତା

## ରାଜପଥରେ ଯାନବାହାନ ଯାଞ୍ଚ ସହ ଉପହାର ପ୍ରଦାନ

ଦେବଗଡ଼, ୧୯ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ପକ୍ଷ ଅବସରରେ ଜିଲ୍ଲା ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସମ୍ପର୍କିତ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହିକ୍ରମରେ ଦେବଗଡ଼ ଏସଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ ଓ ଆଦର୍ଶ ଥାନା ଅଧିକାରୀ ସରୋଜ ସେଠୀଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ଥାନା ତିଳେଇବଣି ଓ ବଳମ-କଣ୍ଡାପାଲି ଛକସ୍ଥିତ ୪୯ ନମ୍ବର ଜାତୀୟ ରାଜପଥରେ ଜନ ସାଧାରଣଙ୍କୁ ସଚେତନ ନାଗରିକର କର୍ତ୍ତବ୍ୟ ଏବଂ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ସେହିପରି ମୋଟର ଯାନ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରିବା ସହ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଏଥିସହ ଯାନବାହାନ ଚାଳକଙ୍କୁ ସିଟ୍ ବେଲ୍ଟର ବ୍ୟବହାର, ଯାନବାହାନର ବୀମା, ଲାଇସେନ୍ସ ଆଦି ଯାଞ୍ଚ କରିବା ସହ ଦୁଇ ଚକିଆ ଯାନର ଚାଳକ ଓ ପଛରେ ବସୁଥିବା ଆରୋହୀଙ୍କୁ ହେଲମେଟର ଉପଯୋଗିତା ଓ ଏହାର ବ୍ୟବହାର ନେଇ ସଚେତନ କରିଥିଲେ। ସେହିପରି ଯେଉଁ ଦୁଇ ଚକିଆ ଯାନର ଚାଳକ ଓ ଆରୋହୀ ହେଲମେଟ ପିନ୍ଧିଥିଲେ ସେମାନଙ୍କୁ ଚକଲେଟ ଦେଇ ସ୍ୱାଗତ କରାଯାଇଥିଲା। ଏକାଧିକ ବାଇକ ଆରୋହୀଙ୍କୁ ଜିଲ୍ଲା ପୁଲିସ ପକ୍ଷରୁ ନିଃଶୁଳ୍କ ହେଲମେଟ ପ୍ରଦାନ କରାଯାଇ ଏହାକୁ ନିୟମିତ ବ୍ୟବହାର ପାଇଁ ସଚେତନ କରାଯାଇଛି। ବିନୟ କେରକେଟ୍ଟା, ବିବସ୍ୱ ପ୍ରଧାନ, ମଦନ ମୋହନ ପ୍ରଧାନଙ୍କ ସମେତ ଥାନା କର୍ମଚାରୀ ଓ ଟ୍ରାଫିକ କର୍ମଚାରୀ ସହଯୋଗ କରିଥିଲେ।

● ମା' ଜଳମୁଣ୍ଡି କ୍ରିକେଟ କପ୍

## ପ୍ରୟାଗରାଜ ଫାଇନାଲକୁ ଉନ୍ନୀତ

ଦେବଗଡ଼, ୧୯ ।୧(ସମିସ): ରିଆମାଳ ବ୍ଲକ ଟିଙ୍କବୀର ହାଇସ୍କୁଲ ପଡ଼ିଆରେ ଆୟୋଜିତ ମା' ଜଳମୁଣ୍ଡି କ୍ରିକେଟ କପ୍‌ର ପୁଲ୍ ଏ'ର ପ୍ରଥମ ଦଳ ଭାବେ ୟୁପି ପ୍ରୟାଗରାଜ ସୁପର ଓଭରରେ ଫାଇନାଲରେ ପହଞ୍ଚିଛି। ସୁପର ଓଭରରେ ରାଉରକେଲାକୁ ୧୭ ରନ୍‌ରେ ପରାସ୍ତ କରି ପ୍ରୟାଗରାଜ ସେମିଫାଇନାଲକୁ ଉନ୍ନୀତ ହୋଇଛି। ରୋମାଞ୍ଚକର ପ୍ରଥମ ସେମି ଫାଇନାଲ ମ୍ୟାଚରେ ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ଦଳ ୧୬୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତୀଶ ମିଞ୍ଜ ୬୪ଟି ବଲ୍‌ରେ ୧୧ ଚୌକା ୨ଟି ଛକା ସହିତ ଅପରାଜିତ ୮୫ ରନ୍‌ର ପାଳି ଖେଳିଥିଲେ। ଏହାର ଜବାବରେ ପ୍ରୟାଗରାଜ ଟିମ ଶେଷ ଓଭର ପର୍ଯ୍ୟନ୍ତ ୨୦ ଓଭରେ ୭ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ମ୍ୟାଚର ନିର୍ଣ୍ଣାୟକ ଫଳାଫଳ ପାଇଁ ସୁପର ଓଭର ଖେଳା ଯାଇଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ପ୍ରୟାଗରାଜ ଗୋଟିଏ ଉଇକେଟ ହରାଇ ୨୩ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ରାଉରକେଲା ମାତ୍ର ୭ରନ୍ କରିପାରିଥିଲା। ସେମି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଗେଶ୍ୱର ସେଠୀ ଯୋଗ ଦେଇ ସତୀଶଙ୍କୁ ମ୍ୟାନ ଅପ ଦ ମ୍ୟାଚ ପୁରସ୍କାର ବିତରଣ କରିଥିଲେ।



ଓସିଏ ଅମ୍ପାୟାର ମହେଶ ମୁନସୀ ଓ ପ୍ରଦୀପ ଦାସ ଖେଳକୁ ପରିଚାଳନା କରିଥିଲେ। ନେତାଜୀ ସ୍ପୋର୍ଟ୍ସ ଆସୋସିସନ କ୍ଲବର ଗିରି ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଦେବାଶିଷ ବିଶ୍ୱାଳ ଓ ବିଷ୍ଣୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

● ବଡ଼ବାହାଲ ଶ୍ରୀ ଗଜାନନ କବାଡ଼ି ଟୁର୍ଣ୍ଣାମେଣ୍ଟ

## ଦରଜିମୁଣ୍ଡାକୁ ହରାଇ ବଡ଼ବାହାଲ ଚାମ୍ପିଅନ

ରିଆମାଳ, ୧୯ ।୧(ସମିସ): ରିଆମାଳ ବ୍ଲକ ବଡ଼ବାହାଲ ଗ୍ରାମରେ ଶ୍ରୀ ଗଜାନନ କ୍ଲବ୍ ପକ୍ଷରୁ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ଲବ୍ ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ତରଣୀ ନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲେ। ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ଗାନ୍ଧି ଚରଣ ନାୟକ, ବାଦଲ ଝାଙ୍କର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଆୟୋଜକ ବଡ଼ବାହାଲ ଓ ଦରଜିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡ଼ବାହାଲ ଦଳ ୪୦ ପଏଣ୍ଟ ପାଇ ଚାମ୍ପିଅନ ହୋଇଥିବା ବେଳେ ଦରଜିମୁଣ୍ଡା ଦଳ ୩୩ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲା। ଅମ୍ପାୟାର ଭାବେ ଲାଲା ବସନ୍ତରା, ବିକ୍ରମ ଦାଶ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଘନଶ୍ୟାମ ସାହୁ, ୱାର୍ଡ଼ସଭ୍ୟା ସେବତୀ ବେହେରା ଯୋଗ ଦେଇଥିଲେ। ସାଗର ବେହେରା, ଚିନ୍ମୟ ବସନ୍ତରା, ଶାନ୍ତନୁ ବେହେରା, ଗୌତମ ସାହୁ, ଶଙ୍କର ବେହେରା, ପ୍ରଦ୍ୟୁମ୍ନ ବିଶ୍ୱାଳ, ପ୍ରଭାତକର ବେହେରା, ଶୁଭଙ୍କର ବେହେରା, ଶ୍ରୀତମ ସାହୁ, ଆୟୁଷ ନାୟକ ଖେଳ ପରିଚାଳନା କରିଥିଲେ। ତୋଫାନ ନାୟକ, ସରୋଜ ବେହେରା, ଚନ୍ଦନ ବେହେରା, ଅଭିମନ୍ୟୁ ବେହେରା, ଅନ୍ତର୍ଯ୍ୟାମୀ ବେହେରା ସହଯୋଗ କରିଥିଲେ।



# ନବଦିଗନ୍ତ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ

ଦେବଗଡ଼, ୧୯ ।୧(ସମିସ)




ରିଆମାଳ ଦୁର୍ଗା ମଣ୍ଡପରେ ରିଆମାଳ ନବ ଦିଗନ୍ତ ସାହିତ୍ୟ ସଂସଦ ପକ୍ଷରୁ ଚତୁର୍ଦ୍ଦଶ ସାମ୍ବତ୍ସରିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତାଳଚେର ସାହିତ୍ୟ ସଂସଦ ସମ୍ପାଦିକା ରତ୍ନପ୍ରଭା ବାଇ, ନାକିଟିଦେଉଳ ବିଡିଓ କ୍ଷମାନିଧି ଭୋଇ, ଅଧ୍ୟାପକ ଭାରତ ଭୂଷଣ ନନ୍ଦ, ମୁରଲୀଧର ନାୟକ ଏବଂ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବୟତ୍ରୀ ଇପ୍ସିତା ପ୍ରିୟଦର୍ଶିନୀ ପରିଡ଼ାଙ୍କୁ ଚଳିତ ବର୍ଷ ଶ୍ରେଷ୍ଠ କବି ସମ୍ମାନରେ ସମ୍ମାନୀତ କରିଥିଲେ। ସେହିପରି କ୍ଷମାନିଧି ଭୋଇଙ୍କୁ ସାରସ୍ୱତ ପ୍ରତିଭା ସମ୍ମାନ, ରତ୍ନପ୍ରଭା ବାଇଙ୍କୁ ଶ୍ରେଷ୍ଠ ସାରସ୍ୱତ ସାଧିକା, ପ୍ରଦୀପ ବେହେରାଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ଈଶ୍ୱରଚନ୍ଦ୍ର ସାହୁଙ୍କୁ ଶିକ୍ଷାଜ୍ୟୋତି ସମ୍ମାନ, ଧରଣୀଧର ନାୟକଙ୍କୁ ଶିକ୍ଷାନିଧି ସମ୍ମାନ, ବିଦ୍ୟୁତଲତା ସାହୁଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷୟତ୍ରୀ ସମ୍ମାନ ଓ ପ୍ରଦୀପ ବିଶ୍ୱାଳଙ୍କୁ ଶ୍ରେଷ୍ଠ ସମାଜସେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମାନନ୍ଦ ସ୍ୱାଇଁ, ସାଇସିଦ୍ଧି ମିଶ୍ର, ମନୀଷା ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସୁଦୀପ୍ତ ଶ୍ରୀ ପ୍ରଧାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରା ଯାଇଥିଲା। ସହିତ୍ୟ ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାସ ଓ କବି ପ୍ରଫୁଲ୍ଲ ମହାପାତ୍ର ପୃଥକ ପୃଥକ ପର୍ଯ୍ୟାୟରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମରେ ସଂଯୋଜନା ପୂର୍ବକ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ପଦ୍ମିନୀ ସାହୁ ଓ ପଦ୍ମିନୀ ଦାସ କବିତା ସଂଯୋଜନା କରିଥିଲେ। ସାଇପ୍ରଜ୍ଞା, ମଧୁସ୍ମିତା ଓ କୁଇନ୍ ସିଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ଢେଙ୍କାନାଳ ଓ ସୋନପୁର ଜିଲ୍ଲାରୁ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ ନବ ଦିଗନ୍ତ ସାହିତ୍ୟ ସଂସଦର ବାର୍ଷିକ ପତ୍ରିକା ଆହ୍ୱାନ ଉନ୍ମୋଚିତ ହୋଇଛି। ଉପସଭାପତି ବାଲ୍ମୀକି ଲୁହା, ମଦନ ବେହେରା, ତ୍ରିଲୋଚନ ବେହେରା, ରାଜ କିଶୋରୀ ବେହେରାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।



ଝାରସୁଗୁଡା ଓଏମ୍‌ପି ଦୁର୍ଗାମନ୍ଦିରରେ ଗୋରଖା ସମାଜର ତୃତୀୟ ବାର୍ଷିକୀ ଉତ୍ସବ ସହ ମାଘେ ସଂକ୍ରାନ୍ତି ଭେଟଘାଟରେ ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଅନ୍ୟମାନେ

